ଚତୁର୍ଥ ବର୍ଷ ● ତୃତୀୟ ସଂଖ୍ୟା
ମାର୍ଚ୍ଚ-ଅପ୍ରେଲ, ୨୦୧୯



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)






କଟକର ଉସୁମାଠାରେ ଶ୍ରୁତିନ୍ୟାସର ଆଶ୍ରମ
ବେଦଧାମର ଶିଳାନ୍ୟାସ












ବେଦଧାମର ଶିଳାନ୍ୟାସ ଉପଲକ୍ଷେ ଶତକୁଣ୍ଡୀୟ ଯଜ୍ଞରେ ଶ୍ରଦ୍ଧାଳୁ ଯଜମାନ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)



ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**



କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଚ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org



**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**
Spiritual Social Vedic Magazine
Bimonthly
Vol-4, Issue-3, March-April. 2019

**Webpage:**
**http://www.thearyasamaj.org/shrutisourabha**


## ସୂଚୀପତ୍ର


| | | |
|---|---|---|
| ୦୧. | ଈଶ୍ୱରଙ୍କ ନାମ 'ଓମ୍' | ୦୨ |
| ୦୨. | ଈଶ୍ୱର ଓ ଜୀବର ସମ୍ବନ୍ଧ | ୧୦ |
| ୦୩. | ସତ୍ୟାର୍ଥ ପ୍ରକାଶ | ୧୬ |
| ୦୪. | ବେଦଧାମ ସଂକଳ୍ପନା | ୨୬ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ଈଶ୍ୱରଙ୍କ ନାମ 'ଓ୩ମ୍'

ପୂର୍ବାନୁକ୍ରମିକ...

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

## ବେଦାଧ୍ୟୟନର ଆଦି ଓ ଅନ୍ତରେ ଓ୩ମ୍

**ବ୍ରହ୍ମଣଃ ପ୍ରଣବଂ କୁର୍ଯ୍ୟାଦାଦାବନ୍ତେ ଚ ସର୍ବଦା ।**
**ସ୍ରବତ୍ୟନୋଙ୍କୃତଂ ପୂର୍ବଂ ପୁରସ୍ତାଚ୍ଚ ବିଶୀର୍ୟତି ॥**

(ମନୁ. ୨:୭୪)

ବେଦାଧ୍ୟୟନର ଆରମ୍ଭରେ ଓ ସମାପ୍ତିରେ ସର୍ବଦା 'ଓ୩ମ୍' ଉଚ୍ଚାରଣ କରିବା ବିଧେୟ । ବେଦାଧ୍ୟୟନର ଆରମ୍ଭରେ 'ଓ୩ମ୍' ଉଚ୍ଚାରଣ ନ କଲେ ଅଧ୍ୟୟନ ବିକ୍ଷିପ୍ତ, ବିନଷ୍ଟ ହୋଇଯାଏ, ଉତ୍ତମ ରୂପେ ଗୃହୀତ ହୁଏ ନାହିଁ ଏବଂ ଶେଷରେ 'ଓ୩ମ୍' ଉଚ୍ଚାରଣ ନ କଲେ ଅଧୀତ ବିଦ୍ୟା ବିଶୀର୍ଣ୍ଣ ଅର୍ଥାତ୍ ନଷ୍ଟ ହୋଇଯାଏ, ମନରେ ସ୍ଥିର ହୋଇ ରହେ ନାହିଁ ।

ଏଠାରେ ମହର୍ଷି ମନୁଙ୍କର କଥନର ଅଭିପ୍ରାୟ ହେଲା ଯେ ବେଦାଧ୍ୟୟନର ଆରମ୍ଭରେ 'ଓ୩ମ୍' ଉଚ୍ଚାରଣ କରିବା ଦ୍ୱାରା ଇତସ୍ତତଃ, ବିକ୍ଷିପ୍ତ ଥିବା ମନ ଏକାଗ୍ର, ସମାହିତ ହୁଏ । ଏହା ଅତ୍ୟନ୍ତ ମନୋବୈଜ୍ଞାନିକ କଥା ଯେ ଅଧ୍ୟେତା ଯଦି ମନକୁ ଏକାଗ୍ର କରି ଅଧ୍ୟୟନ କରେ ନାହିଁ ତେବେ ତାକୁ ଅଧ୍ୟୟନର ପୂର୍ଣ୍ଣ ସୁଫଳ ପ୍ରାପ୍ତ ହୁଏ ନାହିଁ, ମନ ଇତସ୍ତତଃ-ବିକ୍ଷିପ୍ତ ସ୍ଥିତିରେ ଥିବାରୁ ଅଧୀତ ବିଦ୍ୟାର ଆଂଶିକ ଜ୍ଞାନ ହିଁ ଲାଭ ହୁଏ । ସେହିପରି ବେଦାଧ୍ୟୟନର ପରେ ମଧ୍ୟ ମାନସିକ ଏକାଗ୍ରତା ବଜାୟ ନ ରଖିଲେ ଅଧୀତ ବିଦ୍ୟା ମନରେ ସ୍ଥିର ହୋଇ ରହେ ନାହିଁ । ଅଧ୍ୟୟନ ପରିସମାପ୍ତିରେ ତୁରନ୍ତ ମନକୁ ଅନ୍ୟ କର୍ମରେ ସଂଲଗ୍ନ କଲେ, ମନକୁ ଚଞ୍ଚଳ କଲେ ମନରେ ସଞ୍ଚିତ ଜ୍ଞାନରୁ କିଛି ବିକ୍ଷିପ୍ତ ଓ ବିସ୍ମୃତ ସ୍ଥିତିକୁ ଚାଲିଯାଏ । ଆଉ ଯଦି ଅଧ୍ୟୟନର ସମାପ୍ତି ପରେ ଅଧୀତ ବିଦ୍ୟା ବିଷୟରେ ମନର ଏକାଗ୍ରତା ବଜାୟ ରଖାଯାଏ ତେବେ ସେ ବିଦ୍ୟା ମସ୍ତିଷ୍କରେ ସ୍ଥିର ଓ ଦୃଢ଼ ହୋଇ ରହେ । କୌଣସି ଡବା ଆଦି ପାତ୍ରରେ ପଦାର୍ଥକୁ ସୁରକ୍ଷିତ ରଖିବା ପାଇଁ ତା'ର ଉଭୟ ପଟ ଉତ୍ତମ ରୂପେ ମୁଦ ଦେବା ଭଳି ଅଧ୍ୟୟନର ଆରମ୍ଭ ଓ ଶେଷରେ 'ଓ୩ମ୍' ଉଚ୍ଚାରଣ ପୂର୍ବକ ମାନସିକ ଏକାଗ୍ରତା ରୂପକ ମୁଦ ଦେବା ଉତ୍ତମ । ଅତଃ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ଏହା ଏକ ଅମୋଘ ଉପାୟ ଯେ ସେମାନେ ଚଞ୍ଚଳ ମନକୁ ଅଧ୍ୟୟନରେ ଅଧିକାଧିକ କେନ୍ଦ୍ରିତ କରିବା ପାଇଁ ପଢ଼ିବାକୁ ଆରମ୍ଭ କରିବା ପୂର୍ବରୁ ନିୟମିତ ରୂପେ 'ଓ୩ମ୍' ଉଚ୍ଚାରଣ କରନ୍ତୁ । ନିଜର ମାନସିକ ସ୍ଥିତି ଆଧାରରେ ଦୀର୍ଘ ସ୍ୱରରେ ଆବଶ୍ୟକତା ଅନୁସାରେ ଏକାଧିକ ଥର ବି ଉଚ୍ଚାରଣ କରିପାରନ୍ତି ମନ ଏକାଗ୍ର ହେବା ପର୍ଯ୍ୟନ୍ତ । ମନ ଯେତେ ଅଧିକ ଚଞ୍ଚଳ ଥିବ ସେତେ ଅଧିକ ଥର ଓ ସେତେ ଦୀର୍ଘ ସମୟ ପର୍ଯ୍ୟନ୍ତ 'ଓ୩ମ୍' ଉଚ୍ଚାରଣ କରିବା ଉଚିତ । ମନ ସ୍ଥିର-ଏକାଗ୍ର ହେବା ପରେ ଅଧ୍ୟୟନ କରନ୍ତୁ । ନିଶ୍ଚିତ ସୁଫଳ ପାଇବେ ।

ଗୋପଥବ୍ରାହ୍ମଣରେ ମଧ୍ୟ କୁହାଯାଇଛି —

**ନ ମାମନୀରୟିତ୍ୱା ବ୍ରାହ୍ମଣାଃ ବ୍ରହ୍ମ ବଦେୟୁଃ ।**
**ଯଦି ବଦେୟୁରବ୍ରହ୍ମ ସ୍ୟାତ୍ ॥** (ଗୋପଥ. ୧:୩)

'ଓ୩ମ୍' ଉଚ୍ଚାରଣ ନ କରି ବେଦାଧ୍ୟାୟୀ, ବେଦବିଦ୍‌ମାନେ ବେଦ ଅଧ୍ୟୟନ ନ କରନ୍ତୁ । ଯଦି 'ଓ୩ମ୍' ଉଚ୍ଚାରଣ ନ କରି ବେଦାଧ୍ୟୟନ କରାଯାଏ ତେବେ ସେମାନଙ୍କର ସେ ଅଧ୍ୟୟନ ଅବେଦ ହୋଇଯାଏ ଅର୍ଥାତ୍ ବେଦାଧ୍ୟୟନର ଯେଉଁ ମୌଳିକ ଉଦ୍ଦେଶ୍ୟ ରହିଛି 'ବେଦର ମୁଖ୍ୟ ପ୍ରତିପାଦ୍ୟ ଅକ୍ଷର-ବ୍ରହ୍ମ 'ଓ୩ମ୍'ଙ୍କ ପ୍ରାପ୍ତି ଦିଗରେ ଜୀବାତ୍ମାର ନିରନ୍ତର ପ୍ରଗତି ଶୁଦ୍ଧ ଜ୍ଞାନାର୍ଜନ ମାଧ୍ୟମରେ' ତାହା ଫଳୀଭୂତ ହୁଏ ନାହିଁ । ଅତଃ ଓଂକାର ବିନା ବେଦାଧ୍ୟୟନକୁ ସର୍ବଥା ନିଷିଦ୍ଧ କରାଯାଇଛି ।

ଆମେ ଜାଣିଛେ ଯେ ରେଳଗାଡ଼ିରେ ଇଞ୍ଜିନ୍ ଥାଏ ଓ ତା' ସହ ଡବାଗୁଡ଼ିକ ଯୋଡ଼ି ହୋଇ ରହିଥାନ୍ତି । ରେଳଇଞ୍ଜିନ୍ ଆଗରେ ରହି ଡବାଗୁଡ଼ିକୁ ଗତି ଦେଇଥାଏ, ଆଗକୁ ଟାଣି ନେଇଥାଏ । ଡବାଗୁଡ଼ିକ ଠାରୁ ଅଲଗା ହୋଇ କେବଳ ଏକାକୀ ଇଞ୍ଜିନ୍ ବି ଗତି କରିପାରିଥାଏ ଏବଂ ଡବାଗୁଡ଼ିକୁ ସଙ୍ଗରେ ନେଇ ମଧ୍ୟ ଇଞ୍ଜିନ୍ ଗତି କରିପାରିଥାଏ । କିନ୍ତୁ ଇଞ୍ଜିନ୍ ରହିତ ଡବାଗୁଡ଼ିକ କେବେ ବି ଗତି କରିପାରିନଥାନ୍ତି । ଜପ ଆଦି ବିନିଯୋଗ କ୍ଷେତ୍ରରେ ପ୍ରଯୁକ୍ତ ମନ୍ତ୍ରରେ 'ଓମ୍'ର ସ୍ଥିତି ରେଳଗାଡ଼ିରେ ଇଞ୍ଜିନ୍‌ର ସ୍ଥିତି ଭଳି ଏବଂ ମନ୍ତ୍ର ସ୍ଥିତ ଅନ୍ୟ ଶବ୍ଦଗୁଡ଼ିକର ସ୍ଥିତି ଡବା ଭଳି । ମନ୍ତ୍ରର ଆଦିରେ 'ଓମ୍' ସଂଯୁକ୍ତ ହେଲେ ସେହି ମନ୍ତ୍ର ଜପ ଆଦି ବିନିଯୋଗରେ ଆଧ୍ୟାତ୍ମିକ ପ୍ରଗତିରେ ସମୁଚିତ ସହାୟକ ହୋଇଥାଏ । ଆଦିରେ 'ଓମ୍' ସଂଯୁକ୍ତ ନ ହୋଇ ନୁହେଁ । ଅତଃ କର୍ମକାଣ୍ଡର ବିନିଯୋଗରେ ମନ୍ତ୍ରର ଆରମ୍ଭରେ 'ଓମ୍' ସଂଯୁକ୍ତ ମନ୍ତ୍ରୋଚ୍ଚାରଣର ବିଧାନ ଅଛି । ଜପରେ କେବଳ 'ଓମ୍'ର ଜପ ମଧ୍ୟ କରଯାଇ ଆତ୍ମିକ ଉନ୍ନତି ସାଧନ କରାଯାଇପାରେ ।

ଛନ୍ଦୋଗ୍ୟୋପନିଷଦରେ କୁହାଯାଇଛି —

**ତଦ୍ୟଥା ଶଙ୍କୁନା ସର୍ବାଣି ପର୍ଣ୍ଣାନି ସଂତୃଣ୍ଣାନି, ଏବମୋଂକାରେଣ ସର୍ବା ବାକ୍ ସଂତୃଣ୍ଣା । ଓଂକାର ଏବେଦଂ ସର୍ବମ୍ । ଓଂକାର ଏବେଦଂ ସର୍ବମ୍ ॥**

(ଛନ୍ଦୋଗ୍ୟ. ୨:୨୩:୩)

ଏଠାରେ 'ଓମ୍'ର ବ୍ୟାପକତାକୁ ଦୃଷ୍ଟାନ୍ତ ଦ୍ୱାରା ଦର୍ଶାଯାଇଛି । ଯେଉଁପରି ପତ୍ରର ଡେମ୍ଫ ଦ୍ୱାରା ବୃକ୍ଷ ସହ ସବୁ ପତ୍ର ଯୋଡ଼ି ହୋଇ ରହିଥାନ୍ତି, ଡେମ୍ଫ ସମ୍ପୂର୍ଣ୍ଣ ବୃକ୍ଷରେ ଓ ପ୍ରତି ପତ୍ରରେ ଜାଲ ଭଳି ବ୍ୟାପୀ ରହିଥାଏ, ସେହିପରି ଓଂକାରରେ ସମସ୍ତ ବାଣୀ(ବେଦବାଣୀ) ସଂଲଗ୍ନ, ପରିବ୍ୟାପ୍ତ । ଅତଏବ ଏ ସବୁ କିଛି ଓଂକାର ହିଁ ଅଟେ, ଓଂକାର ହିଁ ଅଟେ ।

ଗୀତାରେ କୁହାଯାଇଛି —

**ତସ୍ମାଦୋମିତ୍ୟୁଦାହୃତ୍ୟଃ ଯଜ୍ଞଦାନତପଃକ୍ରିୟାଃ ।**
**ପ୍ରବର୍ତ୍ତନ୍ତେ ବିଧାନୋକ୍ତାଃ ସତତଂ ବ୍ରହ୍ମବାଦିନାମ୍ ॥**

(ଗୀତା. ୧୭:୨୪)

ଏଇଥିପାଇଁ 'ଓମ୍' ଉଚ୍ଚାରଣ କରି ବ୍ରହ୍ମବେତ୍ତା ବ୍ୟକ୍ତିଙ୍କର ବିଧିପୂର୍ବକ ଯଜ୍ଞ, ଦାନ, ତପ ଆଦି କ୍ରିୟା ସମ୍ପନ୍ନ ହୋଇଥାଏ ।

## ଜୀବନର ଆରମ୍ଭରେ 'ଓମ୍'

ବେଦିକ ସଂସ୍କୃତିରେ ଷୋଡ଼ଶ ସଂସ୍କାରର ମହତ୍ତ୍ୱ ସଦା ରହିଆସିଛି । ଆର୍ଯ୍ୟାବର୍ତ୍ତର ମନ୍ତ୍ରଦ୍ରଷ୍ଟା ଋଷିଗଣ ସ୍ୱ ସମାଧିପ୍ରସୂତ ପ୍ରଜ୍ଞା ଆଧାରରେ ଏକ ଉତ୍ତମ ମାନବ ନିର୍ମାଣର ସ୍ୱର୍ଣ୍ଣିମ ପଦ୍ଧତି ରୂପେ ଏହା ଆମକୁ ପ୍ରଦାନ କରିଛନ୍ତି । ଆୟୁର୍ବେଦିକ ଔଷଧରେ ବାରମ୍ବାର ପୁଟ ଦେବା ଦ୍ୱାରା ଯେପରି ତା'ର ଗୁଣବତ୍ତା ବୃଦ୍ଧି ପାଏ, ଧାତୁଗୁଡ଼ିକୁ ବାରମ୍ବାର ଶୋଧନ କରିବା ତଥା ସେଥିରେ ଅନ୍ୟ ଉତ୍ତମ ପଦାର୍ଥର ମିଶ୍ରଣ ଦ୍ୱାରା ଯେପରି ସେସବୁର ଔଜଲ୍ୟ ଓ ଗୁଣବତ୍ତା ବୃଦ୍ଧିପାଏ, ସେହିପରି ସଂସ୍କାର ଦ୍ୱାରା ମନୁଷ୍ୟର ଶରୀର ଓ ଆତ୍ମା ସୁସଂସ୍କୃତ ହୋଇଥାଏ ।

ସନ୍ତାନର ଜନ୍ମ ପରେ ତା'ର ନାଡ଼ୀଛେଦନ କ୍ରିୟା କରି ପିତା ଯଜ୍ଞାନୁଷ୍ଠାନ ପୂର୍ବକ ସୁବର୍ଣ୍ଣ-ଶଳାକାରେ ଘୃତ ଓ ମଧୁ ଦ୍ୱାରା ନବଜାତ ସନ୍ତାନର ଜିଭରେ କୋମଳ ଭାବେ 'ଓମ୍' ଲେଖିଦିଅନ୍ତି ଏବଂ ତା' କାନରେ **'ବେଦୋଽସି'** ତୁମେ ବେଦ ଅର୍ଥାତ୍ ଜ୍ଞାନବାନ୍, ଚେତନ ଅଟ ବୋଲି କହିଦିଅନ୍ତି ।

ଜନ୍ମ ସମୟରେ ସନ୍ତାନର ଜିଭରେ 'ଓମ୍' ଲେଖିବାର ପଦ୍ଧତି ମାଧ୍ୟମରେ ବେଦିକ ସଂସ୍କୃତିରେ ନବଜାତ ସନ୍ତାନକୁ ଏହି ଭାବରେ ପ୍ରଭାବିତ କରିବାର ପ୍ରୟାସ କରାଯାଇଛି ଯେ ତା' ବାଣୀରୁ ସର୍ବପ୍ରଥମ ଶବ୍ଦ ରୂପେ 'ଓମ୍' ଉଚ୍ଚାରିତ ହେଉ, ତା' ତୁଣ୍ଡରେ ସଦା ରହିବା ଯୋଗ୍ୟ ନାମ ହେଉଛି 'ଓମ୍' । ପିତାଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ କରାଇବା ମାଧ୍ୟମରେ ବୈଦିକ ଋଷି ଏ ଦିଗରେ ସମୁଚିତ ପଦକ୍ଷେପ ନେବା ପିତା-ମାତାଙ୍କ କର୍ତ୍ତବ୍ୟ ନିର୍ଦ୍ଧାରଣ କରିଛନ୍ତି ।

ଘିଅ ଓ ମହୁ ଏ ଉଭୟ ପଦାର୍ଥ ରୋଗଦୂରକାରୀ,

ପୁଷ୍ଟିଦାୟକ । ଏହା ଦ୍ୱାରା ପରମେଶ୍ୱରଙ୍କ ନାମ 'ଓ୩ମ୍' ଲେଖିବାର ତାତ୍ପର୍ଯ୍ୟ ହେଲା ଯେ ଘୃତଠାରୁ ବି ଅଧିକ ପୁଷ୍ଟିଦାୟକ, ରୋଗନାଶକ, ମଧୁଠାରୁ ବି ଅଧିକ ମଧୁର ଓ ଦୋଷବିନାଶକ ହେଲା ଈଶ୍ୱରଙ୍କ ନାମ 'ଓ୩ମ୍' । ରସନା ସର୍ବଦା ଏହି ଅମୃତ ରସର ଆସ୍ୱାଦନ କରିବା ଉଚିତ ।

ସୁବର୍ଣ୍ଣ-ଶଳାକାରେ ଜିଭରେ 'ଓ୩ମ୍' ଲେଖିବାର ଅଭିପ୍ରାୟ କ'ଣ ? ଅଗ୍ନିରେ ପଡ଼ିଲେ ମଧ୍ୟ ସ୍ୱର୍ଣ୍ଣର ପ୍ରକାଶ କମେ ନାହିଁ, ବରଂ ତା'ର ଉଜ୍ଜ୍ୱଳତା, ଦ୍ୟୁତି ଅଧିକ ବଢ଼ିଯାଏ । ମାତା-ପିତା ସ୍ୱ ପ୍ରିୟ ସନ୍ତାନକୁ ଏହି କ୍ରିୟା ଦ୍ୱାରା ସତେ ଯେପରି ଜଣାଇବାକୁ ଚାହାନ୍ତି 'ହେ ସନ୍ତାନ ! ସୁନାଠାରୁ ମଧ୍ୟ ଅଧିକ ମୂଲ୍ୟବାନ୍, ସଦା ଉଜ୍ଜ୍ୱଳ ରହିବା ଧନ ହେଲା ଆତ୍ମିକ ସମ୍ପତ୍ତି 'ଓ୩ମ୍' ।' ବୈଦିକ ମାତା-ପିତା ସ୍ୱ ପ୍ରିୟ ସନ୍ତାନକୁ ସର୍ବପ୍ରଥମେ କୌଣସି ସମ୍ପତ୍ତି, କୌଣସି ଧନ ଯଦି ଦେଉଥାନ୍ତି, ଯାହାକି ସନ୍ତାନକୁ ଭୂମିଷ୍ଠ ହେବା ପରେ ଶରୀରର ପୋଷଣାର୍ଥ ଦୁଗ୍ଧ ଦେବାଠାରୁ ବି ପ୍ରଥମେ ଦିଅନ୍ତି, ତାହା ହେଲା ଆତ୍ମିକ ସମ୍ପତ୍ତି ପରମାତ୍ମାଙ୍କ ନାମ 'ଓ୩ମ୍' । ବିପରୀତ ପରିସ୍ଥିତିରେ ମଧ୍ୟ ସନ୍ତାନ ଆତ୍ମଶକ୍ତି ହୀନ ନ ହେଉ, ତା' ବାଣୀ 'ଓ୩ମ୍'ର ବିରୁଦ୍ଧାଚରଣ ନକରୁ; ବରଂ ଯେତେ ବିପରୀତ ପରିସ୍ଥିତି ଆସିଲେ ବି ତା'ବାଣୀ ପ୍ରଭୁଙ୍କ ନାମର ପ୍ରକାଶରେ ଅଧିକରୁ ଅଧିକ ପ୍ରକାଶିତ ହେଉ, ତେଜସ୍ୱୀ ହେଉ ।

## ଅନ୍ତକାଳରେ 'ଓ୩ମ୍' ସ୍ମରଣ

ଜନ୍ମ ପରେ-ପରେ ଯେପରି ବାଳକର ଜିଭରେ 'ଓ୩ମ୍' ଲେଖିଦିଆଯିବାର ବିଧାନ ଅଛି, ସେହିପରି ମରଣ ସମୟରେ ମଧ୍ୟ 'ଓ୩ମ୍' ଉଚ୍ଚାରଣ କରିବା ପାଇଁ ଶାସ୍ତ୍ରରେ ମାର୍ଗଦର୍ଶନ କରାଯାଇଛି । ଯଜୁର୍ବେଦରେ କୁହାଯାଇଛି —

**ବାୟୁରନିଲମମୃତମଥେଦଂ ଭସ୍ମାନ୍ତଂ ଶରୀରମ୍ ।**
**ଓ୩ମ୍ କ୍ରତୋ ସ୍ମର କ୍ଲିବେ ସ୍ମର କୃତଂ ସ୍ମର ॥**

(ଯଜୁଃ. ୪୦:୧୫)

ହେ କର୍ମଶୀଳ ଜୀବ ! ପ୍ରାଣ ଯିବା ସମୟରେ ତୁମେ 'ଓ୩ମ୍' ନାମବାଚ୍ୟ ପରମେଶ୍ୱରଙ୍କୁ ସ୍ମରଣ କର, ସ୍ୱ ସାମର୍ଥ୍ୟ ନିମିତ୍ତ ପରମାତ୍ମାଙ୍କ ଓ ସ୍ୱ ସ୍ୱରୂପକୁ ସ୍ମରଣ କର, ସ୍ୱ କୃତ କର୍ମ ସ୍ମରଣ କର । ମୃତ୍ୟୁରେ ଶରୀରସ୍ଥ ପ୍ରାଣବାୟୁ କାରଣରୂପ ବାୟୁରେ ବିଲୀନ ହୋଇଯାଏ ଏବଂ କାରଣରୂପ ବାୟୁ ଅବିନାଶୀ କାରଣରେ ନିହିତ ଥାଏ । ତଦନନ୍ତର ଏହି ଭୌତିକ ଶରୀର ଦାହସଂସ୍କାରରେ ମୁଠାଏ ପାଉଁଶରେ ପରିଣତ ହୋଇଯାଏ ।

ଗୀତାରେ ଶ୍ରୀକୃଷ୍ଣ କହୁଛନ୍ତି—

**ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁସ୍ମରନ୍ ।**
**ଯଃ ପ୍ରୟାତି ତ୍ୟଜନ୍ ଦେହଂ ସ ଯାତି ପରମାଂ ଗତିମ୍ ॥** (ଗୀତା. ୮:୧୩)

'ଓ୩ମ୍' ଏହି ଏକାକ୍ଷର ବ୍ରହ୍ମଙ୍କୁ ଉଚ୍ଚାରଣ କରି, ତଦ୍ ବାଚ୍ୟ ପରଂବ୍ରହ୍ମଙ୍କୁ ଧ୍ୟାନ କରି, ମୋର ଗୁଣ-କର୍ମ-ସ୍ୱଭାବ(ନିଷ୍କାମ କର୍ମକୁ) ଚିନ୍ତନ କରି ଯେଉଁ ବ୍ୟକ୍ତି ଶରୀର ତ୍ୟାଗ ପୂର୍ବକ ସଂସାରରୁ ପ୍ରୟାଣ କରେ ସିଏ ପରମଗତି ପ୍ରାପ୍ତ କରେ ।

## ଜଗତର ଆଦି-ମଧ୍ୟ-ଅନ୍ତରେ ଓ୩ମ୍

ପୂର୍ବରୁ ଆଲୋଚନା କରାଯାଇଛି ଯେ ମୁଖର ୫ଟି ସ୍ଥାନରୁ ବର୍ଣ୍ଣୋଚ୍ଚାରଣ ହୁଏ — କଣ୍ଠ, ମୂର୍ଦ୍ଧନା, ତାଳୁ, ଦନ୍ତମୂଳ ଓ ଓଷ୍ଠ ।

**୧. ଅକୁହବିସର୍ଜନୀୟାଃ କଣ୍ଠ୍ୟାଃ ।** (ବର୍ଣ୍ଣୋଚ୍ଚାରଣ ଶିକ୍ଷା. ୫) — ଅ, ଆ, କ, ଖ, ଗ, ଘ, ଙ, ହ ଓ ଃ - ଏ ବର୍ଣ୍ଣଗୁଡ଼ିକ କଣ୍ଠରୁ ଉଚ୍ଚାରିତ ହୁଅନ୍ତି ।

**୨. ଇଚୁୟଶାସ୍ତାଲବ୍ୟାଃ ।** (ବର୍ଣ୍ଣୋଚ୍ଚାରଣ ଶିକ୍ଷା. ୧୧) — ଇ, ଈ, ଚ, ଛ, ଜ, ଝ, ଞ, ୟ ଓ ଶ - ଏ ବର୍ଣ୍ଣଗୁଡ଼ିକର ଉଚ୍ଚାରଣ ସ୍ଥାନ ହେଲା ତାଳୁ ।

**୩. ଋଟୁରଷ୍ୟ ମୂର୍ଦ୍ଧନ୍ୟାଃ ।** (ବର୍ଣ୍ଣୋଚ୍ଚାରଣ ଶିକ୍ଷା. ୧୨) — ଋ, ଟ, ଠ, ଡ, ଢ, ଣ, ର ଓ ଷ - ଏସବୁ ମୂର୍ଦ୍ଧନାରୁ ଉଚ୍ଚାରିତ ହୁଅନ୍ତି ।

**୪. ଌତୁଲସା ଦନ୍ତ୍ୟାଃ ।** (ବର୍ଣ୍ଣୋଚ୍ଚାରଣ ଶିକ୍ଷା. ୧୫) — ଌ, ତ, ଥ, ଦ, ଧ, ନ, ଲ ଓ ସ - ଏସବୁ ବର୍ଣ୍ଣର ଦନ୍ତ୍ୟସ୍ଥାନ ଅର୍ଥାତ୍ ଦାନ୍ତରେ ଜିଭ ଲଗାଇ ଉଚ୍ଚାରଣ

କରାଯାଏ ।

**୫. ଉପୂପଧ୍ମାନୀୟା ଓଷ୍ଠ୍ୟାଃ ।** (ବର୍ଣ୍ଣୋଚ୍ଚାରଣ ଶିକ୍ଷା. ୧୮) — ଉ, ଊ, ପ, ଫ, ବ, ଭ, ମ ଆଦିର ଉଚ୍ଚାରଣ ଓଷ୍ଠରୁ କରାଯାଏ ।

***୬. ଙଞଣନମାଃ ସ୍ୱସ୍ଥାନନାସିକାସ୍ଥାନାଃ ।*** (ବର୍ଣ୍ଣୋଚ୍ଚାରଣ ଶିକ୍ଷା. ୨୪) — ଙ, ଞ, ଣ, ନ, ମ - ଏ ପାଞ୍ଚୋଟି ବର୍ଣ୍ଣକୁ ସ୍ୱ-ସ୍ୱ ସ୍ଥାନ ଓ ନାସିକା ସ୍ଥାନର ସଂଯୋଗରେ ଉଚ୍ଚାରଣ କରାଯାଏ ।

ଅତଏବ ବର୍ଣ୍ଣର ଉଚ୍ଚାରଣର ସ୍ଥାନ ଦୃଷ୍ଟିରୁ ଆଦି ହେଲା କଣ୍ଠ ଓ ଅନ୍ତ ହେଲା ଓଷ୍ଠ । ଆଦି ସ୍ଥାନରୁ ଉଚ୍ଚାରିତ ବର୍ଣ୍ଣ ମଧ୍ୟରୁ ଆଦ୍ୟ ଅକ୍ଷର ହେଲା 'ଅ' ଓ ଅନ୍ତ୍ୟ ସ୍ଥାନରୁ ଉଚ୍ଚାରିତ ବର୍ଣ୍ଣ ମଧ୍ୟରୁ ଅନ୍ତିମ ଅକ୍ଷର ହେଉଛି 'ମ' । ଓଠ ଦ୍ୱାରା ଉଚ୍ଚାରିତ 'ଉ' କୁ ମଧ୍ୟ-ସ୍ଥାନର ପ୍ରତିନିଧି କୁହାଯାଇପାରେ । ଅ, ଉ ଓ ମ୍ - ଏହି ତିନୋଟି ଅକ୍ଷରର ସମ୍ମିଶ୍ରଣରେ 'ଓ୩ମ୍'ର ଗଠନ । ଏଥିରୁ ଏହା ସାଙ୍କେତିକ ରୂପେ ପ୍ରକାଶିତ ହୁଏ ଯେ ଯେପରି ବର୍ଣ୍ଣର ଆରମ୍ଭ 'ଅ' ବର୍ଣ୍ଣରୁ ହୁଏ, ସେହିପରି ସୃଷ୍ଟିର ଉତ୍ପତ୍ତି, ଆଦିରେ ପରମାତ୍ମା ବିଦ୍ୟମାନ । ମଧ୍ୟ ବର୍ଗର ପ୍ରତିନିଧି 'ଉ' ଅର୍ଥାତ୍ ସୃଷ୍ଟିର ମଧ୍ୟରେ ଏହାର ଅଧାର, କର୍ତ୍ତା ପରମାତ୍ମା ବିଦ୍ୟମାନ । 'ଓ୩ମ୍' ଧ୍ୱନିର ଅନ୍ତିମ ଅକ୍ଷର 'ମ୍' ସ୍ଥାନ ଦୃଷ୍ଟିରୁ ଯେପରି ଅନ୍ତିମ ସ୍ଥାନରୁ ଉଚ୍ଚାରିତ ଅନ୍ତିମ ବର୍ଣ୍ଣ ସେହିଭଳି ସୃଷ୍ଟିର ଅନ୍ତରେ ବି ପରମାତ୍ମା ବିଦ୍ୟମାନ । ସାରାଂଶ ହେଲା ଯେ, ସୃଷ୍ଟିର ଆଦିରେ ବି 'ଓ୩ମ୍', ମଧ୍ୟରେ ବି 'ଓ୩ମ୍' ଓ ଅନ୍ତରେ ବି 'ଓ୩ମ୍' ବାଚୀ ପରମାତ୍ମା ବିଦ୍ୟମାନ ।

## 'ଓ୩ମ୍' ନାମ ଜପ ଈଶ୍ୱରଙ୍କ ଗୁଣ ଚିନ୍ତନ ସହ

ମହର୍ଷି ପତଞ୍ଜଳି ଯୋଗଦର୍ଶନରେ ଈଶ୍ୱରଙ୍କ ନାମ ପ୍ରଣବ ବା 'ଓ୩ମ୍' ବୋଲି କହିବା ସହ ତା'ର ଜପର ବିଧାନ କରିଛନ୍ତି —

**ତଜ୍ଜପସ୍ତଦର୍ଥଭାବନମ୍ ।** (ଯୋଗ. ୧:୨୮)

ସେହି 'ଓ୩ମ୍' ନାମ ଦ୍ୱାରା ଈଶ୍ୱରଙ୍କ ଯଥାର୍ଥ ସ୍ୱରୂପକୁ ଜାଣି 'ଓ୩ମ୍' ଶବ୍ଦର ଜପ(ବାରମ୍ବାର ଆବୃତ୍ତି) କରିବା ଉଚିତ ତଥା ତା'ର ଅର୍ଥ ଚିନ୍ତନ କରିବା ଉଚିତ ।

ମୁଣ୍ଡକୋପନିଷଦରେ ବି କୁହାଯାଇଛି —

**ପ୍ରଣବୋ ଧନୁଃ ଶରୋ ହ୍ୟାତ୍ମା ବ୍ରହ୍ମ ତଲ୍ଲକ୍ଷ୍ୟମୁଚ୍ୟତେ ।**

**ଅପ୍ରମତ୍ତେନ ବେଦ୍ଧବ୍ୟଂ ଶରବତ୍ତନ୍ମୟୋ ଭବେତ୍ ॥** (ମୁଣ୍ଡକ. ୨:୨:୪)

ପ୍ରଣବ ଧନୁ, ଆତ୍ମା ହିଁ ଶର ଏବଂ ଆତ୍ମା ରୂପୀ ତୀରର ଲକ୍ଷ୍ୟ ହେଲେ ବ୍ରହ୍ମ । ପ୍ରମାଦରହିତ, ସାବଧାନ ହୋଇ, ତନ୍ମୟତା ପୂର୍ବକ ସେହି ଲକ୍ଷ୍ୟ ରୂପୀ ବ୍ରହ୍ମଙ୍କୁ ବେଧ କରିବା ଉଚିତ । ଯେପରି ତ୍ନନୟତାପୂର୍ବକ ସନ୍ଧାନ କରାଯାଇଥିବା ତୀର ସ୍ୱ ଲକ୍ଷ୍ୟରେ ଲୀନ(ମିଳିତ) ହୁଏ ସେହିପରି ଜୀବାତ୍ମା ବ୍ରହ୍ମଙ୍କ ସହ ମିଳିତ ହେବା ଉଚିତ । ଏଠାରେ ଧ୍ୟାତବ୍ୟ ଯେ ଧନୁର ଗୁଣ(ଡୋର) ଯେତିକି ଟଣାଯାଏ, ତୀର ସେତିକି ବେଗରେ ଗତି କରେ । ଏହିପରି ସାଧକ-ଉପାସକର ଯେତେ ତୀବ୍ର ବିବେକ-ବୈରାଗ୍ୟ ପୂର୍ବକ 'ଓ୩ମ୍'ର ଧ୍ୟାନ ହେବ ସେତେ ତୀବ୍ରତାରେ ଜୀବାତ୍ମା ପରମାତ୍ମାରୂପୀ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବ, ବ୍ରହ୍ମରେ ଯାଇ ସମ୍ମିଳିତ ହେବ ।

ଆମେ ପୂର୍ବରୁ ଆଲୋଚନା କରିଛେ 'ଅବ' ଧାତୁର ଅର୍ଥ ମାଧ୍ୟମରେ ଈଶ୍ୱରଙ୍କ ସ୍ୱରୂପ ସମ୍ପର୍କରେ । ସେହି ଅର୍ଥର ବିଶଦ ଚିନ୍ତନ ମାଧ୍ୟମରେ ସାଧକ-ଉପାସକ 'ଓ୩ମ୍' ଜପ କରିବା ଉଚିତ । ସାଧନାରେ ସଫଳତା ପାଇଁ ଉପାସନା କାଳ ଓ ବ୍ୟବହାର କାଳ ମଧ୍ୟରେ ସମନ୍ୱୟ ମଧ୍ୟ ଆବଶ୍ୟକ । ବ୍ୟାବହାରିକ ଜୀବନର ପବିତ୍ରତା ଆଧାରରେ ବି ଉପାସନାରେ ପ୍ରଗତି ହୋଇଥାଏ । ବର୍ତ୍ତମାନ ଆମେ 'ଅବ' ଧାତୁ ଆଧାରରେ 'ଓ୩ମ୍'ର କ୍ରମଶଃ ଗୋଟିଏ-ଗୋଟିଏ ଅର୍ଥ ମାଧ୍ୟମରେ ଚିନ୍ତନ ପ୍ରକ୍ରିୟାକୁ ଆଗକୁ ନେବା —

**୧. ସର୍ବରକ୍ଷକ —** ଏ ବ୍ରହ୍ମାଣ୍ଡ କେତେ ବିଶାଳ । ଯେତେବେଳେ ଆମେ ରାତିରେ ମେଘମୁକ୍ତ ଆକାଶ ଉପରେ ଦୃଷ୍ଟିପାତ କରୁ ଆମକୁ ଅନନ୍ତ ନକ୍ଷତ୍ର ଦୃଷ୍ଟିଗୋଚର ହୁଅନ୍ତି । ବୈଜ୍ଞାନିକମାନେ ହବଲ ଟେଲିସ୍କୋପ ମାଧ୍ୟମରେ ୧୦୦

ବିଲିୟନ ନୀହାରିକା (ଆକାଶଗଙ୍ଗା)ର ଅସ୍ତିତ୍ୱ ଜାଣିପାରିଛନ୍ତି । ଗୋଟିଏ ନୀହାରିକାରେ କୋଟି-କୋଟି ନକ୍ଷତ୍ର ବିଦ୍ୟମାନ ଏବଂ ପ୍ରତ୍ୟେକ ନକ୍ଷତ୍ରର ଏକ ପରିବାର ରହିଥାଏ ଗ୍ରହ-ଉପଗ୍ରହ-ଧୂମକେତୁ ଆଦିଙ୍କୁ ନେଇ । ଏତେ ସବୁ ଆକାଶୀୟ ପିଣ୍ଡ ମହାକାଶରେ ନିଜ-ନିଜ ଗତିପଥରେ ନିରନ୍ତର ଗତିଶୀଳ । ଅଥଚ କେହି କାହା ସହ ପିଟି ହୋଇଯାଉନାହାନ୍ତି । ଗୋଟିଏ-ଗୋଟିଏ ସହରରେ ଆମେ ଟ୍ରାଫିକ୍ ବ୍ୟବସ୍ଥା ଏତେ କରିବା ସତ୍ତ୍ୱେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଦେଖୁଛେ । କିନ୍ତୁ ମହାକାଶରେ ଅସଂଖ୍ୟ ଗତିଶୀଳ ବୃହଦାକାର ପିଣ୍ଡଗୁଡ଼ିକୁ ସର୍ବରକ୍ଷକ ପରମାତ୍ମା ନିଜ ଅନନ୍ତ ସାମର୍ଥ୍ୟ, ବ୍ୟବସ୍ଥା ବଳରେ ବୈଦିକ କାଳଗଣନା ଅନୁସାରେ ପ୍ରାୟ ୨୦୦ କୋଟି ବର୍ଷ ହେଲା ସୁରକ୍ଷିତ ରଖିଛନ୍ତି । ଆମର ଏ ପୃଥିବୀ ଘଣ୍ଟା ପ୍ରତି ପ୍ରାୟ ୧,୦୮,୦୦୦ କି.ମି. ବେଗରେ ଅର୍ଥାତ୍ ସେକେଣ୍ଡ ପ୍ରତି ୩୦ କି.ମି. ବେଗରେ ସୂର୍ଯ୍ୟଙ୍କୁ ପରିକ୍ରମା କରୁଛି । ତା' ସହ ନିଜ ଅକ୍ଷରେ ଘଣ୍ଟା ପ୍ରତି ୧୬୦୦ କି.ମି. ବେଗରେ ବୁଲୁଛି । କିନ୍ତୁ ପରମାତ୍ମାଙ୍କ ସୁରକ୍ଷା ବ୍ୟବସ୍ଥା ଏପରି ଯେ ଏହାର ମାଧ୍ୟାକର୍ଷଣ ବଳୟ ମଧ୍ୟରେ ରହିଥିବାରୁ ଆମେ କେହି ଛିଞ୍ଚାଡ଼ି ହୋଇପଡୁନାହେଁ । ଆମ ପୃଥିବୀର ଏକଭାଗ ସ୍ଥଳ ହୋଇଥିବା ବେଳେ ତିନି ଭାଗ ଜଳ । କିନ୍ତୁ ପରମାତ୍ମା ଏହାର ନିର୍ମାଣ ଏପରି କରିଛନ୍ତି ଯେ ସ୍ଥଳଭାଗ ପୂର୍ଣ୍ଣତଃ ଜଳରାଶି ମଧ୍ୟରେ ବୁଡ଼ି ଯାଉନାହିଁ । ଅତଃ କେତେ ମହାନ୍ ବିଜ୍ଞାନୀ ପ୍ରଭୁ କେଡ଼େ ବିଚିତ୍ର ରୂପେ ସୁରକ୍ଷାର ଉପାୟଗୁଡ଼ିକ କରିଛନ୍ତି ।

ପରମାତ୍ମା ଆମ ପୃଥିବୀକୁ ସୂର୍ଯ୍ୟଠାରୁ ଉଚିତ ଦୂରତାରେ ସ୍ଥାପନ କରିଛନ୍ତି, ଯଦ୍ୱାରା ପୃଥିବୀର ଯାବତୀୟ ପ୍ରାଣୀଙ୍କ ଅସ୍ତିତ୍ୱ ରକ୍ଷା ହୋଇପାରିଛି । ସୂର୍ଯ୍ୟର ଅଧିକ ନିକଟବର୍ତ୍ତୀ ହୋଇଥିଲେ ଅଧିକ ଉତ୍ତାପ ଯୋଗୁଁ ଆମମାନଙ୍କ ଅସ୍ତିତ୍ୱ ସମ୍ଭବ ହୋଇନଥାନ୍ତା କି ଅଧିକ ଦୂର ହୋଇଥିଲେ ମଧ୍ୟ ଅତ୍ୟଧିକ ଶୀତଳତା ଯୋଗୁଁ ଜୀବନରକ୍ଷା ସମ୍ଭବ ହୋଇନଥାନ୍ତା ।

ପରମାତ୍ମା ପ୍ରତ୍ୟେକ ପ୍ରାଣୀର ଜନ୍ମ ସମୟରୁ ହିଁ ତା'ର ଜୀବନ ରକ୍ଷାର ବ୍ୟବସ୍ଥା କରିଛନ୍ତି । ଅଣ୍ଡଜ ପ୍ରାଣୀଙ୍କ କ୍ଷେତ୍ରରେ ଅଣ୍ଡା ଭିତରେ ଶାବକ ଜୀବିତ ରହିବା ପାଇଁ ଖାଦ୍ୟର ବ୍ୟବସ୍ଥା ଅଛି ଏବଂ ଅଣ୍ଡାର ଖୋଳପାରେ ବହୁ ସୂକ୍ଷ୍ମ ଛିଦ୍ର ମାଧ୍ୟମରେ ଅଣ୍ଡା ଭିତରେ ଥିବା ଶାବକ ପର୍ଯ୍ୟନ୍ତ ବାୟୁ ଚଳାଚଳ ବ୍ୟବସ୍ଥା ଅଛି । ଜରାୟୁଜ ପ୍ରାଣୀଙ୍କ କ୍ଷେତ୍ରରେ ମା'ର ଗର୍ଭରୁ ଶିଶୁକୁ ଲାଗିଥିବା ଗର୍ଭନାଡ଼ୀ ମାଧ୍ୟମରେ ଭୋଜନ, ପବନ ଇତ୍ୟାଦି ଗର୍ଭସ୍ଥ ଶିଶୁ ପର୍ଯ୍ୟନ୍ତ ପହଞ୍ଚିବାର ବ୍ୟବସ୍ଥା ପରମାତ୍ମା କରିଛନ୍ତି । ତେଣୁ ସମସ୍ତଙ୍କ ଜୀବନ ରକ୍ଷା ହେଉଛି ।

ପ୍ରତ୍ୟେକ ପ୍ରାଣୀର ଶାବକ ଜନ୍ମ ସମୟରେ ଅସହାୟ ହୋଇଥାଏ । କିଛି ପ୍ରାଣୀ କ୍ଷେତ୍ରରେ ଅଳ୍ପ ତ ଆଉ କାହା କ୍ଷେତ୍ରରେ ବହୁ ଦିନ ପର୍ଯ୍ୟନ୍ତ ତା'ର ଯତ୍ନ ନେଲେ ସେ ନିଜେ ନିଜ କଥା ବୁଝିବାକୁ ସକ୍ଷମ ହୋଇଥାଏ । ପରମାତ୍ମା ତେଣୁ ପ୍ରତ୍ୟେକ ପ୍ରାଣୀର ମାତା-ପିତା ଭିତରେ ସନ୍ତାନ ପ୍ରତି ବାତ୍ସଲ୍ୟ ପ୍ରେମର ସଞ୍ଚାର କରି ଶିଶୁମାନଙ୍କ ରକ୍ଷାର ବ୍ୟବସ୍ଥା କରିଛନ୍ତି । ସ୍ତନ୍ୟପାୟୀ ପ୍ରାଣୀ କ୍ଷେତ୍ରରେ ସନ୍ତାନ ଜନ୍ମ ପରେ-ପରେ ତା'ର କ୍ଷୁଧା ନିବାରଣ ପାଇଁ ମାଆର ସ୍ତନରୁ ଦୁଗ୍ଧ ସ୍ରାବର ବ୍ୟବସ୍ଥା କରିଛନ୍ତି । ଅସଂଖ୍ୟ ପ୍ରକାର ପ୍ରାଣୀ ଏ ପୃଥିବୀରେ ନିବାସ କରୁଛନ୍ତି । ପ୍ରତ୍ୟେକ ପ୍ରାଣୀର ଜୀବନରକ୍ଷା ପାଇଁ ସେମାନଙ୍କ ଆବଶ୍ୟକତା ଅନୁରୂପ ଭୋଜନ, ପାନୀୟର ପ୍ରବନ୍ଧ ପରମାତ୍ମା କରୁଛନ୍ତି । ପରମାତ୍ମା କେବଳ ଖାଦ୍ୟ-ପେୟର ବ୍ୟବସ୍ଥା କରି ରକ୍ଷା କରୁନାହାନ୍ତି, ବରଂ ସେହି ଖାଦ୍ୟ-ପେୟରୁ ଶରୀରରେ ରସ, ରକ୍ତ, ମାଂସ, ମେଦ, ଅସ୍ଥି-ମଜ୍ଜା ଆଦି ସପ୍ତ ଧାତୁର ନିର୍ମାଣ ତଥା ଶରୀରରେ ଶ୍ୱସନ, ପରିପାକ, ସ୍ନାୟୁ, ରେଚନ, ରକ୍ତ ସଞ୍ଚାଳନ ଆଦି ବିବିଧ ତନ୍ତ୍ରର ନିର୍ମାଣ ଓ ସଞ୍ଚାଳନ କରି ଆମର ରକ୍ଷା କରୁଛନ୍ତି । ସ୍ଥଳଚର ପ୍ରାଣୀମାନଙ୍କ ଶ୍ୱସନ କ୍ରିୟା ପାଇଁ ପୃଥିବୀରେ ବାୟୁମଣ୍ଡଳ ବ୍ୟବସ୍ଥା କରି ଆମ ଶ୍ୱସନତନ୍ତ୍ରକୁ ତଦନୁସାରେ କରିଛନ୍ତି ତ ଜଳଚର ପ୍ରାଣୀମାନେ ଜଳରେ ମିଶ୍ରିତ ଅମ୍ଳଜାନକୁ କିପରି ନେଇପାରିବେ ସେଥିପାଇଁ ସେମାନଙ୍କ ଶରୀରରେ ସେଭଳି

ବ୍ୟବସ୍ଥା କରିଛନ୍ତି ।

ସବୁ ପ୍ରାଣୀଙ୍କୁ ଅନ୍ୟ କବଳରୁ ନିଜ ପ୍ରାଣ ରକ୍ଷା ପାଇଁ ସତର୍କତା ଓ ସୁରକ୍ଷାର ସ୍ୱାଭାବିକ ଜ୍ଞାନ ଓ ଆବଶ୍ୟକ ସାଧନ ପ୍ରଦାନ କରିଛନ୍ତି । ସେହିପରି ଖରା-ବର୍ଷା-ଶୀତରୁ ରକ୍ଷା ପାଇବାର ଯଥାବଶ୍ୟକ ଜ୍ଞାନ ଓ ସାଧନ ବି ଦେଇଛନ୍ତି ।

ସର୍ବରକ୍ଷକ ପିତା ଆମ ମନୁଷ୍ୟମାନଙ୍କୁ ରକ୍ଷାର କେଉଁ ସାଧନ ଦେଇଛନ୍ତି ? ଈଶ୍ୱରପ୍ରଦତ୍ତ ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱଚା - ଏ ପଞ୍ଚ ଜ୍ଞାନେନ୍ଦ୍ରିୟ ଦ୍ୱାରା ଆମେ ନିଜକୁ ବିପଦରୁ ରକ୍ଷା କରିପାରୁଛେ । ସେହିପରି ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ - ଏ ପଞ୍ଚ କର୍ମେନ୍ଦ୍ରିୟ ବି ଆମ ଜୀବନକୁ ରକ୍ଷା କରିବାରେ ମହତୀ ଭୂମିକା ନିର୍ବାହ କରୁଛନ୍ତି । ଆଉ ସବୁଠୁ ଉତ୍କୃଷ୍ଟ ସାଧନ ଯାହା କି ମଣିଷକୁ ପରମାତ୍ମା ପ୍ରଦାନ କରିଛନ୍ତି ତାହା ହେଲା ବୁଦ୍ଧି । ଏତିକି ହିଁ ନୁହେଁ, ସେହି କୃପାଳୁ ସର୍ବରକ୍ଷକ ସୃଷ୍ଟିର ଯେତେସବୁ ପଦାର୍ଥ ରଚନା କରିଛନ୍ତି ସେ ସବୁର ଯଥାଯଥ ଉପଯୋଗ ନିମନ୍ତେ ସୃଷ୍ଟି ଆରମ୍ଭରେ ହିଁ ମଣିଷକୁ ସମସ୍ତ ସତ୍ୟ ବିଦ୍ୟାର ଭଣ୍ଡାର ବେଦ ପ୍ରଦାନ କରିଛନ୍ତି । ଈଶ୍ୱର ପ୍ରଦତ୍ତ ବୁଦ୍ଧି ଓ ବେଦଜ୍ଞାନ ପ୍ରୟୋଗ କରି ମଣିଷ ନିଜ ଜୀବନକୁ ସୁରକ୍ଷିତ ଓ ସମୃଦ୍ଧ କରିବା ପାଇଁ ଅନେକ ପଦାର୍ଥ ନିର୍ମାଣ, ଆବିଷ୍କାର, ଉଦ୍ଭାବନ କରିପାରୁଛି । ଭୋକରୁ ନିଜର ରକ୍ଷା ପାଇଁ ବିବିଧ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିପାରୁଛି । ରୋଗରୁ ରକ୍ଷା ପାଇଁ ହଜାର-ହଜାର ଚେରମୂଳିର ଅନୁସନ୍ଧାନ କରି ଅସଂଖ୍ୟ ପ୍ରକାର ଔଷଧ ନିର୍ମାଣ କରିପାରୁଛି; ଖରା-ବର୍ଷା-ଶୀତରୁ ରକ୍ଷା ପାଇଁ ହଜାର-ହଜାର ପ୍ରକାର ବସ୍ତ୍ର-ପରିଧାନ ଓ ଆନୁଷଙ୍ଗିକ ସାଧନ ନିର୍ମାଣ କରିପାରୁଛି ତଥା ଦୃଢ଼-ଚିରସ୍ଥାୟୀ ଭବ୍ୟ ଭବନ ତିଆରି କରିପାରୁଛି । ଶତ୍ରୁଠାରୁ ରକ୍ଷା ପାଇଁ ସମସ୍ତ ପ୍ରକାର ଅସ୍ତ୍ର-ଶସ୍ତ୍ର ତିଆରି କରୁଛି । ମଣିଷ କେବଳ ବାହ୍ୟ ଶତ୍ରୁଙ୍କଠାରୁ ରକ୍ଷାର ଉପାୟ ଅନ୍ୱେଷଣ କରିପାରିଛି ତା' ନୁହେଁ, ବେଦଜ୍ଞାନର ଯଥାଯଥ ଉପଯୋଗ କରି ତା'ର ଆନ୍ତରିକ ଶତ୍ରୁ ସମୂହ; ଯଥା - କାମ, କ୍ରୋଧ, ଲୋଭ ମୋହ, ଅଭିମାନ, ଈର୍ଷ୍ୟା-ଦ୍ୱେଷ ଆଦିଙ୍କଠାରୁ ନିଜକୁ ରକ୍ଷା କରିପାରୁଛି । ପରମାତ୍ମା ମଣିଷକୁ ସନ୍ମାର୍ଗରେ ନେବା ପାଇଁ, ମଣିଷ ସମାଜକୁ ରକ୍ଷା କରିବା ପାଇଁ ସୃଷ୍ଟି ଆରମ୍ଭରେ ଯେ କେବଳ ବେଦଜ୍ଞାନ ଦେଇ ଚୁପ୍ ରହିଛନ୍ତି ତା'ନୁହେଁ; ବରଂ ସେ ଆମକୁ ସତତ ସନ୍ମାର୍ଗଦର୍ଶନ କରାଇ ଆମର ରକ୍ଷା କରୁଛନ୍ତି । ଆମେ କୌଣସି ଖରାପ କର୍ମ କରିବା ପାଇଁ ଯୋଜନା କରିବା ସମୟରେ ସେ ଆମ ହୃଦୟରେ ଭୟ, ଶଙ୍କା, ଲଜ୍ଜାର ସଞ୍ଚାର କରି ଆମକୁ ଦୁର୍ଗତିରୁ ରକ୍ଷା କରିବାର ପ୍ରୟାସ କରୁଛନ୍ତି । ସଂସାରର କଲ୍ୟାଣ, ସୁରକ୍ଷା ନିମିତ୍ତ ଈଶ୍ୱରଙ୍କ ବ୍ୟବସ୍ଥାରେ ହିଁ ଧରାପୃଷ୍ଠକୁ ସମୟ-ସମୟରେ ମହାମାନବ, ମହାନ୍ ଆତ୍ମାମାନଙ୍କର ଆଗମନ ହେଉଛି ଯହାଦ୍ୱାରା ଧର୍ମ, ମାନବତା, ସଂସ୍କୃତିର ସୁରକ୍ଷା ସମ୍ଭବ ହେଉଛି ।

ସାଧକ-ଉପାସକ ପରମେଶ୍ୱରଙ୍କର ଏହି ସର୍ବରକ୍ଷକ ଗୁଣର ଚିନ୍ତନପୂର୍ବକ ନିଜ ଭିତରେ ସେହି ଗୁଣର ବିକାଶ ପାଇଁ, ନିଜ ବ୍ୟବହାର କାଳରେ ତା'ର ଯଥାଯଥ ଉପଯୋଗ ପାଇଁ ପରମେଶ୍ୱରଙ୍କଠାରୁ ସହାୟତାର ପ୍ରାର୍ଥନା କରିବା ଉଚିତ । ଜଣେ ଗୃହିଣୀର ପ୍ରାର୍ଥନା ହେବା ଉଚିତ — "ହେ ସର୍ବରକ୍ଷକ କପାଳୁ ଦେବ ! ଆପଣ ଅତୀବ କୃପା କରି ମୋ ଉପରେ ଏହି ଗୃହିଣୀ ଦାୟିତ୍ୱ ଅର୍ପଣ କରିଛନ୍ତି । ମୁଁ ପୂର୍ଣ୍ଣ ତତ୍ପରତାପୂର୍ବକ ବଳ-ଆୟୁ-ମେଧାବର୍ଦ୍ଧକ, ରୋଗ-ଦୁଃଖବିନାଶକ, ଅହିଂସକ, ଶୁଦ୍ଧ, ସାତ୍ତ୍ୱିକ, ସୁପାଚ୍ୟ ଖାଦ୍ୟ-ପେୟ ପ୍ରସ୍ତୁତ କରି ଗୃହର ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଯତ୍ନବାନ୍ ହୁଏ । ଏଥିରେ କୌଣସି ପ୍ରକାର ଆଳସ୍ୟ-ପ୍ରମାଦ ନ କରେ । ମୋର ଅଜ୍ଞତା, ଅବହେଳା, ମୋହ ଆଦି କାରଣରୁ ପରିବାରର ସଦସ୍ୟମାନେ ହିତଭୁକ୍, ମିତଭୁକ୍, ଋତଭୁକ୍ ନ ହୋଇ ସେମାନଙ୍କ ସ୍ୱାସ୍ଥ୍ୟହାନି ହେଲେ ଆପଣଙ୍କ ନ୍ୟାୟବ୍ୟବସ୍ଥା ଅନୁସାରେ ମୋତେ ଅବଶ୍ୟ ଦଣ୍ଡ ଭୋଗ କରିବାକୁ ପଡ଼ିବ, ମୁଁ ଏଥିପ୍ରତି ସର୍ବଦା ଧ୍ୟାନ ରଖେ । କେବଳ ଗୃହର ସଦସ୍ୟମାନଙ୍କ ପାଇଁ ଭୋଜନ ବ୍ୟବସ୍ଥା କରିବାର କାର୍ଯ୍ୟ ନୁହେଁ; ବରଂ ପିତୃଯଜ୍ଞ, ବଳିବୈଶ୍ୱଦେବ ଯଜ୍ଞ, ଅତିଥି ଯଜ୍ଞ ଆଦି ମାଧ୍ୟମରେ ଭୋଜନାଦି ପ୍ରଦାନ

କରି ଯେଉଁମାନଙ୍କ ରକ୍ଷା କରିବାର ଦାୟିତ୍ୱ ବୈଦିକ ସଂସ୍କୃତିରେ ମୋ ଉପରେ ଅର୍ପଣ କରାଯାଇଛି ମୁଁ ଯେମିତି ତାକୁ ଯଥାରୀତି ସମ୍ପାଦନ କରେ ମୋତେ ସେ ପ୍ରେରଣା ଓ ଶକ୍ତି ପ୍ରଦାନ କରନ୍ତୁ ।"

ପ୍ରତ୍ୟେକ ମାତା-ପିତାଙ୍କ ପ୍ରାର୍ଥନା ହେବା ଉଚିତ — "ହେ ପ୍ରଭୋ ! ଆପଣ ଆମକୁ ସନ୍ତାନ ପ୍ରଦାନ ପୂର୍ବକ ସନ୍ତାନକୁ କୁସଙ୍ଗ, ଦୁର୍ଗୁଣ, ଦୁର୍ବ୍ୟସନରୁ ରକ୍ଷା କରି ତାକୁ ଏକ ସଭ୍ୟ, ସୁଶିକ୍ଷିତ, ସୁସଂସ୍କୃତ, ଧାର୍ମିକ, ଦେଶଭକ୍ତ ନାଗରିକ ରୂପେ ଗଢ଼ିତୋଳିବାର ଗୁରୁଦାୟିତ୍ୱ ଆମ ଉପରେ ନ୍ୟସ୍ତ କରିଛନ୍ତି । ଆମର କୌଣସି ଅବହେଳାରେ ତା'ର ପୂର୍ବଜନ୍ମର ସୁସଂସ୍କାର, ଜ୍ଞାନ, ପ୍ରତିଭା ସୁରକ୍ଷିତ ଓ ସୁବିକଶିତ ନ ହୋଇ ନଷ୍ଟ ହେଲେ ଆମକୁ ସେଥିପାଇଁ ଦଣ୍ଡଭାଗୀ ହେବକୁ ପଡ଼ିବ । ପ୍ରଭୋ ! ଆମକୁ ସେଭଳି ଜ୍ଞାନ, ସାମର୍ଥ୍ୟ, ପ୍ରେରଣା ପ୍ରଦାନ କରନ୍ତୁ ଯେପରିକି ଆମେ ଆମ କର୍ତ୍ତବ୍ୟରେ କୌଣସି ତ୍ରୁଟି ନ କରୁ, ମୋହ-ମାୟାରୁ ଊର୍ଦ୍ଧ୍ୱକୁ ଉଠି ସତତ ଜାଗରୁକ ରହି ଦୃଢ଼ତାପୂର୍ବକ ସନ୍ତାନ ନିର୍ମାଣ ନିମନ୍ତେ ଋଷିମାନଙ୍କ ପ୍ରଦର୍ଶିତ ପଦ୍ଧତି ଅନୁସରଣ କରି କୃଷକଟିଏ ଉତ୍ତମରୂପେ ଖତ-ପାଣି-ସାର ଆଦି ଦେବା ସହ ରୋଗ-ପୋକ ଆଦି ଦାଉରୁ ଫସଲକୁ ରକ୍ଷା କରିବା ଭଳି ସନ୍ତାନକୁ ହାନିକାରକ ଗୁଣ-କର୍ମ-ସ୍ୱଭାବରୁ ରକ୍ଷା କରି ସଭ୍ୟତା, ଶିଷ୍ଟାଚାର, ନମ୍ରତା, ନୈତିକତା, ଆଜ୍ଞାନବର୍ତ୍ତିତା, ଧାର୍ମିକତା, ଉଦାରତା, ପରୋପକାର ଆଦିର ଶିକ୍ଷା ଦେଇ ତାକୁ ଉତ୍ତମ, ମହାନ୍ କରୁ ।"

'ଓମ୍' ଜପ ସହ ଜଣେ ଶିକ୍ଷକ-ଅଧ୍ୟାପକଙ୍କ ସର୍ବରକ୍ଷକ ପରମାତ୍ମାଙ୍କୁ ପ୍ରାର୍ଥନାର ଭାବ ହେବା ଆବଶ୍ୟକ — "ହେ ଆଦିଗୁରୁ, ପରମଗୁରୁ ପରମାତ୍ମନ୍ ! ଆପଣ ମହତୀ ଅନୁକମ୍ପା କରି ମୋତେ ଆଚାର୍ଯ୍ୟ-ଆଚାର୍ଯ୍ୟାର ଗୌରବ-ଗାରିମାପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛନ୍ତି । ମଣିଷ ମାତ୍ରକେ ସମସ୍ତଙ୍କ ରକ୍ଷା ଓ କଲ୍ୟାଣ ପାଇଁ ଆପଣ ଯେପରି ସମସ୍ତ ସତ୍ୟ-ବିଦ୍ୟା ବେଦ ରୂପେ ଅକାତରେ ଦେଇଛନ୍ତି ମିଁ ସେମିତି ପ୍ରବଳ ପୁରୁଷାର୍ଥ ପୂର୍ବକ ଅକୁଣ୍ଠିତ ଚିତ୍ତରେ ସତତ ନିର୍ଭ୍ରାନ୍ତ ଜ୍ଞାନ ପ୍ରଦାନ କରି ବିଦ୍ୟାର୍ଥୀମାନଙ୍କ ଅଜ୍ଞାନ ନଷ୍ଟ କରି ସେମାନଙ୍କୁ ରକ୍ଷା କରେ । ଗର୍ଭସ୍ଥ ଶିଶୁ ସୁରକ୍ଷିତ ରହି ନିରନ୍ତର ତା'ର ସର୍ବାଙ୍ଗୀଣ ବିକାଶ ହେବା ଦିଗରେ ଦାୟିତ୍ୱସମ୍ପନ୍ନା ମାତା ନିରନ୍ତର ଧ୍ୟାନ ଦେବା ଭଳି, ମୋର ବିଦ୍ୟାଳୟ ରୂପକ ଗର୍ଭରେ ବିକାଶ ଲାଭ କରୁଥିବା ସମସ୍ତ ଛାତ୍ର-ଛାତ୍ରୀଙ୍କ ମନ-ମସ୍ତିଷ୍କକୁ ଆସ୍ତିକତା, ଜ୍ଞାନ, ସଦ୍‌ଭାବ ଆଦି ଦିବ୍ୟ ଗୁଣରେ ପରିପୂର୍ଣ୍ଣ କରିବା ପାଇଁ ମୋତେ ଧୈର୍ଯ୍ୟ, ପ୍ରେରଣା, ଶକ୍ତି, ଆତ୍ମପ୍ରତ୍ୟୟ ଦେଇ ସେମାନଙ୍କ ପ୍ରତି ମୋ ଭିତରେ ବାତ୍ସଲ୍ୟ ଭାବ ଜାଗ୍ରତ କରନ୍ତୁ । ମୁଁ ସ୍ୱୟଂ ସଦାଚାର, ଅନୁଶାସନ, ନିୟମାନୁବର୍ତ୍ତିତା, କର୍ତ୍ତବ୍ୟପରାୟଣତା, ଉଦାରତା ଆଦି ଦିବ୍ୟଗୁଣାବଳୀର ମୂର୍ତ୍ତିମନ୍ତ ପ୍ରତୀକ ହୋଇ ବିଦ୍ୟାର୍ଥୀଙ୍କ ସମ୍ମୁଖରେ ଏକ ଆଦର୍ଶ ରୂପେ ବିଦ୍ୟମାନ ରହି ନିଜ ଆଚାର ମାଧ୍ୟମରେ ଶିକ୍ଷା ଦେଇ ସେମାନଙ୍କୁ ଅନାଚାର-ଦୁରାଚାରରୁ ରକ୍ଷା କରି ଦିବ୍ୟ ଗୁଣର ଭଣ୍ଡାର କରେ ।"

ସର୍ବରକ୍ଷକ ପ୍ରଭୁଙ୍କୁ ଜଣେ ବ୍ୟବସାୟୀଙ୍କ ବିନତି ହେବା ଉଚିତ — "ହେ ଦେବ ! ଆପଣ କୃପାପୂର୍ବକ ମୋତେ ବ୍ୟାପାରର ମହତ୍ତ୍ୱପୂର୍ଣ୍ଣ ସେବାର ଅବସର ପ୍ରଦାନ କରିଛନ୍ତି । ମୁଁ ସାଧୁତା-ସଚ୍ଚୋଟତା ପୂର୍ବକ ବ୍ୟବସାୟ କରେଁ । ମୋ ଦ୍ୱାରା ଉତ୍ପାଦିତ ଓ ବିକ୍ରି ହେଉଥିବା ଖାଦ୍ୟ, ପେୟ, ଔଷଧ, ଗୃହୋପକରଣ, ନିର୍ମାଣ ସାମଗ୍ରୀ, ଯାନ-ବାହାନ ଆଦି ଯାବତୀୟ ପଦାର୍ଥ ଯାହାକି ମଣିଷର ଜୀବନକୁ ସୁରକ୍ଷିତ ଓ ସମୁନ୍ନତ କରିବା ପାଇଁ ଉଦ୍ଦିଷ୍ଟ ସେ ସବୁ ସର୍ବଦା ଉତ୍କୃଷ୍ଟମାନର ହେଉ । ସଂକୀର୍ଣ୍ଣ ସ୍ୱାର୍ଥର ବଶବର୍ତ୍ତୀ ହୋଇ ହାନିକାରକ, ଅପମିଶ୍ରିତ, ନିମ୍ନମାନର ପଦାର୍ଥ ଦେଇ ମୁଁ ଗ୍ରାହକର ଧନ-ଜୀବନ ହାନି ନକରେ, ଲୁଣ୍ଠନ-ଶୋଷଣ-ଠକାମୀ ନ କରେ । ମୋର ମନ-ମସ୍ତିଷ୍କରେ ଏ କଥା ସଦା-ସର୍ବଦା ଘର କରି ରହୁ ଯେ ଆପଣ ସତତ ମୋର କର୍ମକୁ ଦେଖୁଛନ୍ତି ଏବଂ ଯଦି ମୋର ଅସାଧୁ କର୍ମ ଦ୍ୱାରା ସମାଜର କିଛି ହାନି ହୁଏ ତେବେ ଆପଣଙ୍କ ନ୍ୟାୟବ୍ୟବସ୍ଥା ଅନୁସାରେ ମୋତେ ସେତେ ଭୟଙ୍କର ଦୁଃଖ ଭୋଗ

କରିବାକୁ ପଡ଼ିବ । ମୋର ଅନ୍ୟାୟ ଅର୍ଜିତ ଧନ ତ ଅନ୍ତିମ ସମୟରେ କୌଣସି କାମରେ ଆସିବ ନାହିଁ । କିନ୍ତୁ ଅନ୍ୟାୟର ଦୁଃଖ ମତେ କଲବଲ କରିବ । ଅଧର୍ମ ବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ । ଅତଃ ସାଧୁତାପୂର୍ବକ ମୁଁ ସମାଜର ରକ୍ଷକ ତଥା ନିଜ ଅଧ୍ୟାତ୍ମ-ଜୀବନର ରକ୍ଷକ ହୁଏ ।"

ନ୍ୟାୟାଧୀଶ-ଅଧିବକ୍ତାଙ୍କ ଆନ୍ତରିକ କାମନା ହେବା ଉଚିତ — "ହେ ସର୍ବରକ୍ଷକ! ନ୍ୟାୟ ପ୍ରଦାନପୂର୍ବକ ସମାଜକୁ ଅନ୍ୟାୟ-ଉତ୍ପୀଡ଼ନରୁ ରକ୍ଷା କରିବାର ବିଶେଷ ଦାୟିତ୍ୱ ଆପଣ ଆମ ଉପରେ ନ୍ୟସ୍ତ କରିଛନ୍ତି । ଆପଣ ଯେପରି ସଦା ନ୍ୟାୟକାରୀ, ଦୁଷ୍ଟଙ୍କୁ ଦଣ୍ଡ ଦେଇ ସଜ୍ଜନଙ୍କୁ ରକ୍ଷା କରନ୍ତି ମୁଁ ମଧ୍ୟ ସେହିପରି କ୍ଷୀର-ନୀର ବିବେଚନା ପୂର୍ବକ ଅନ୍ୟାୟରେ ପୀଡ଼ିତ ଲୋକଙ୍କୁ ଯଥାଶୀଘ୍ର ନ୍ୟାୟ ପ୍ରଦାନ କରି ସେମାନଙ୍କ ରକ୍ଷା କରେ । ହେ ପ୍ରଭୋ! ମୋତେ ସମସ୍ତ ପ୍ରକାର ମୋହ-ମମତା-ପ୍ରଲୋଭନରୁ ରକ୍ଷା କରନ୍ତୁ ଯଦ୍ଦ୍ୱାରା ମୁଁ ମଧ୍ୟ ନିରପେକ୍ଷ ହୋଇ ତତ୍ପରତାପୂର୍ବକ ନ୍ୟାୟ ପ୍ରଦାନ କରିପାରିବି ।"

ଏହିଭଳି ଭାବେ ପ୍ରତ୍ୟେକ ବ୍ୟକ୍ତି ନିଜ-ନିଜ ବୃତ୍ତି, ପଦ-ପଦବୀ, ଭୂମିକା ଆଧାରରେ କିପରି ସମାଜ ଓ ସଂସାରର ରକ୍ଷା ନିମିତ୍ତ ଯୋଗଦାନ କରିପାରିବେ ସେ ପ୍ରାର୍ଥନା କରିବା ଉଚିତ ଏବଂ ତଦନୁସାରେ ଆଚରଣ କରିବା ବିଧେୟ । ପ୍ରତ୍ୟହ ନିଜ ପ୍ରାର୍ଥନା ସହ ଆଚରଣ ମିଳାଇ ପରୀକ୍ଷା କରିଚାଲିବା ଉଚିତ । ଏତଦ୍ଦ୍ୱାରା ଉପାସନା ଓ ଆଚରଣ ମଧ୍ୟରେ ସମନ୍ୱୟ ରହିବା କାରଣରୁ ଆମକୁ ଜପଯୋଗର ପୂର୍ଣ୍ଣ ଲାଭ ପ୍ରାପ୍ତ ହୋଇଥାଏ । ଆମ କର୍ମରେ ଦିବ୍ୟତା-ପବିତ୍ରତା ଆସିଥାଏ । ଆମର ବିଚାର ଓ ଆଚାର ଭବ୍ୟ-ଦିବ୍ୟ ହୋଇଥାଏ ।

**ଅବଶିଷ୍ଟାଂଶ ପରସଂଖ୍ୟାରେ....**

ଉପସ୍ଥାପନା

**କୃଷ୍ଣାକୁମାରୀ**

❖❖❖

**୨୬ ପୃଷ୍ଠାର ଅବଶିଷ୍ଟାଂଶ**

ପୂଜା କରିନ୍ତି । ମଦ ପିଇ-ପିଇ ଯେତେବେଳେ ଉନ୍ମତ୍ତ ହୋଇଯାନ୍ତି ସେତେବେଳେ ସବୁ ସ୍ତ୍ରୀମାନଙ୍କ ବକ୍ଷର ବସ୍ତ୍ର ଯାହାକୁ କି 'ଚୋଲୀ' ବା କଞ୍ଚୁଲି କୁହାଯାଏ, ସେସବୁ ଦେହରୁ ଓହ୍ଲାଇ ଗୋଟିଏ ବଡ଼ ମାଟିର ହାଣ୍ଡିରେ ସବୁ ମିଶାଇ ରଖିଦିଅନ୍ତି । ଜଣେ-ଜଣେ ପୁରୁଷ ସେହି ହାଣ୍ଡିରେ ହାତ ପୁରାଇ ଖଣ୍ଡିଏ-ଖଣ୍ଡିଏ ବସ୍ତ୍ର(ଚୋଲୀ) ବାହାର କରନ୍ତି । ଯେଉଁ ସ୍ତ୍ରୀର କାଞ୍ଚୁଲି ଯେଉଁ ପୁରୁଷ ହାତରେ ପଡ଼େ - ସିଏ ମାଅ, ଭଉଣୀ, ଝିଅ କି ବୋହୂ ଯିଏ ବି ହୋଇଥାଉ ସେହି ସମୟ ପାଇଁ ସେ ତା'ର ସ୍ତ୍ରୀ ହୋଇଯାଏ । ତା' ସହ ସେ କୁକର୍ମ କରେ । ଅତ୍ୟଧିକ ନିଶା ହୋଇଗଲେ ଜୋତା ଆଦିରେ ପରସ୍ପର ମଧ୍ୟରେ ପିଟାପିଟି ହୁଅନ୍ତି । ବଡ଼ିଭୋରରୁ ଅନ୍ଧାର ଥାଉ-ଥାଉ ନିଜ-ନିଜ ଘରକୁ ଚାଲିଯାନ୍ତି । ସେତେବେଳେ ପୁଣି ମାଆ, ମାଆ; ଝିଅ, ଝିଅ; ଭଉଣୀ, ଭଉଣୀ; ଏବଂ ବୋହୂ, ବୋହୂ ହୋଇଯାନ୍ତି । ଆଉ **'ବୀଜମାର୍ଗୀ'**ମାନେ ସ୍ତ୍ରୀ-ପୁରୁଷ ସମାଗମ କରିବା ପରେ ବୀର୍ଯ୍ୟକୁ ଜଳରେ ମିଶାଇ ପିଅନ୍ତି । ଏ ପାମରମାନେ ଏସବୁ କାମକୁ ମୁକ୍ତିର ସାଧନ ବୋଲି ମାନନ୍ତି । ଏମାନେ ବିଦ୍ୟା, ବିଚାର, ସଜ୍ଜନତା ଇତ୍ୟାଦିରୁ ରହିତ ହୋଇଥାନ୍ତି ।

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**କ୍ରମଶଃ...**

**ସିଦ୍ଧାନ୍ତ ଚର୍ଚ୍ଚା :**

# ଈଶ୍ୱର ଓ ଜୀବର ସମ୍ବନ୍ଧ

**ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ**

ମୁଁ ଓ ମୋ ମେଜ ଭିତରେ ପାର୍ଥକ୍ୟ କ'ଣ ? ମେଜ ଏକ ନିର୍ଜୀବ ପଦାର୍ଥ । ତାକୁ ଥଣ୍ଡା ଲାଗେନି କି ଗରମ ଲାଗେନି । ମେଜ କିଛି ଜାଣେ ନାହିଁ । ମୋତେ ଥଣ୍ଡା ଓ ଗରମ ଉଭୟର ଅନୁଭବ ହୁଏ । ମୁଁ ଜାଣି ମଧ୍ୟ ପାରେ । ମେଜ ଉପରେ ପୁସ୍ତକ ରଖିଦିଅ କିମ୍ବା ତାହା ଉପରେ ସୁନା ଲଦି ଦିଅ ଅଥବା ତାହା ଉପରେ ଆବର୍ଜନା ଜମା କରିଦିଅ, ତା' ପାଇଁ ସବୁ ଏକା ପରି । ମେଜ ସୁନା ଦେଖି ଖୁସି ହୁଏ ନାହିଁ କି ଆବର୍ଜନା ଦେଖି ରୁଷ୍ଟ ବି ହୁଏ ନାହିଁ । ମୁଁ ମେଜ ଉପରେ ବସି ଲେଖେ କିମ୍ବା ମୋର କୌଣସି ଶତ୍ରୁ ଆସି ବସି ଲେଖୁ ତାକୁ ହର୍ଷ, ଶୋକ, ମୋହ, ଦ୍ୱେଷ ଆଦି କିଛି ବି ହୁଏ ନାହିଁ । କିନ୍ତୁ ମୋର ସ୍ଥିତି ଏପରି ନୁହେଁ । ମୋ ପାଇଁ ସୁନା ଓ ଆବର୍ଜନା ଏକା ନୁହେଁ । ମୋ ପାଖରେ ମିତ୍ର-ଶତ୍ରୁ ସମାନ ନୁହନ୍ତି । ଏହି ସୁଖ-ଦୁଃଖ ଏବଂ ପ୍ରେମ ତଥା ଦ୍ୱେଷ ହିଁ ପ୍ରକଟ କରନ୍ତି ଯେ ମୋ ଠାରେ ଜୀବନ ଅଛି ବା ଏହା କହିବା ଉଚିତ ହେବ ଯେ ମୁଁ 'ଜୀବ' । ମେଜରେ ଜୀବନ ନାହିଁ । ସେ ଜୀବରହିତ ବା ନିର୍ଜୀବ ଅଟେ ।

ମୋଠାରେ ହର୍ଷ ଓ ଶୋକ ସଙ୍ଗେସଙ୍ଗେ ହର୍ଷକୁ ବଢ଼ାଇବା ଏବଂ ଶୋକକୁ ଦୂର କରିବାର ଇଚ୍ଛା ବି ରହିଛି । ମୁଁ ଚାହେଁ ଯେ ମୋର ଦୁଃଖ ଦୂର ହେଉ । ମୁଁ ସୁଖ ବୃଦ୍ଧି ପାଇଁ ପ୍ରତିଦିନ ପ୍ରଯତ୍ନ କରେ; କିନ୍ତୁ ମୋର ମେଜ ଏପରି କିଛି କରେ ନାହିଁ । ତା'ର ସୁଖ ବୃଦ୍ଧିରେ କ'ଣ ପ୍ରୟୋଜନ ? ତା'ର ଦୁଃଖ ହ୍ରାସରେ କ'ଣ ଆବଶ୍ୟକତା ? ମେଜକୁ ଯେଉଁଠି ରଖାଯାଏ ସେ ସେଇଠି ହିଁ ପଡ଼ିରହେ । ତାକୁ କାଟିବା ପାଇଁ ବଢ଼େଇ ଯନ୍ତ୍ର ଆଣେ । କିନ୍ତୁ ସେ ଚିତ୍କାର କରେ ନାହିଁ କି ଦୌଡ଼ି ଯାଇ ଲୁଚିବା ପାଇଁ ଉଦ୍ୟମ କରେ ନାହିଁ ।

ସଂସାରରେ କିଛି ବସ୍ତୁ ମେଜ ପରି ଅଟନ୍ତି ଓ ଆଉ କିଛି ମୋ ପରି । ମାଟି, ଇଟା, ପଥର, ପାହାଡ଼, ନଦୀ ଆଦି ମେଜ ଭଳି । ସେମାନଙ୍କଠାରେ ନା ସୁଖ ଅଛି ନା ଦୁଃଖ, ନା ଇଚ୍ଛା ଅଛି ନା ଦ୍ୱେଷ, ନା ଜ୍ଞାନ ଅଛି ନା ପ୍ରଯତ୍ନ । କିଛି ମୋ ପରି ଅଛନ୍ତି; ଯଥା - କୁକୁର, ବିରାଡ଼ି, ଚିଲ, କୁଆ, ପିମ୍ପୁଡ଼ି, ସାପ ଆଦି । ଏମାନଙ୍କୁ ମୋ ପରି ସୁଖ-ଦୁଃଖର ଅନୁଭବ ହୁଏ । ଏମାନେ ମୋ ପରି ହିଁ କାହାକୁ ପ୍ରେମ କରନ୍ତି ତ କାହାକୁ ଘୃଣା । ଏମାନଙ୍କ ଠାରେ ଜ୍ଞାନ ଓ ପ୍ରଯତ୍ନ ଉଭୟ ଦେଖାଯାଏ । ଏଣୁ ଆମେ ମେଜ ତଥା ତା' ପରି ଅନ୍ୟ ପଦାର୍ଥକୁ ଜଡ଼ ବା ନିର୍ଜୀବ କହୁ ଏବଂ ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ଆଦିଙ୍କୁ ଚେତନ ବା ସଜୀବ କହୁ ।

ଏହି ଦୁଇ ଜଡ଼ ଓ ଚେତନ ବ୍ୟତୀତ ଅନ୍ୟ ଏକ ଶକ୍ତି ରହିଛି ଯାହା ଏ ଉଭୟଙ୍କୁ ଅଧୀନରେ ରଖେ । ସେ ନଦୀକୁ ପ୍ରବାହିତ କରେ ଏବଂ ପାହାଡ଼-ପର୍ବତ ବି ନିର୍ମାଣ କରେ । ସେହି ଶକ୍ତି ଦ୍ୱାରା ବାୟୁ ବହିଥାଏ, ତାଙ୍କରି ପ୍ରେରଣାରେ ସୂର୍ଯ୍ୟ ଉଦୟ ହୋଇଥାଏ, ସେ ହିଁ ଆମକୁ ସୁଖ-ଦୁଃଖ ପ୍ରଦାନ କରିଥାନ୍ତି । ତାଙ୍କୁ ହିଁ ଆମେ ଈଶ୍ୱର ବା ବ୍ରହ୍ମ ବୋଲି କହୁ ।

ବର୍ତ୍ତମାନ ବିଚାର କରିବା ଉଚିତ ଯେ ଈଶ୍ୱର କାହା ପରି ? କ'ଣ ଈଶ୍ୱର ମେଜ ପରି ଜଡ଼ ନା ଆମ ପରି ଚେତନ ? ଗୋଟିଏ କଥା ସ୍ପଷ୍ଟ ଯେ ଈଶ୍ୱର ମେଜ ସଦୃଶ ଜଡ଼ ନୁହନ୍ତି । ଯଦି ଈଶ୍ୱର ଜଡ଼ ହୋଇଥାନ୍ତେ ତେବେ ମେଜ ସଦୃଶ କ୍ରିୟା-ରହିତ ଓ ଜ୍ଞାନ-ରହିତ ହୋଇଥାନ୍ତେ । ଯେପରି ମେଜ କୌଣସି କାର୍ଯ୍ୟ କରିପାରେ

ନାହିଁ, ସେହିପରି ଈଶ୍ୱର ବି କିଛି କରିପାରନ୍ତେ ନାହିଁ । ଯଦି ତାଙ୍କଠାରେ ଜ୍ଞାନ ନ ଥାନ୍ତା, ତେବେ ସେ ଠିକ୍ ସମୟରେ ସୂର୍ଯ୍ୟୋଦୟ କିପରି କରନ୍ତେ ? ଯଦି ତାଙ୍କଠାରେ ଜ୍ଞାନ ନ ଥାନ୍ତା, ସେ କିପରି ମେଘ-ବର୍ଷା କରନ୍ତେ ? ଜ୍ଞାନ ନଥିଲେ ସେ କିପରି ଆମକୁ ସୁଖ-ଦୁଃଖ ଦେଇପାରନ୍ତେ ? ଅତଏବ ଈଶ୍ୱରଙ୍କ ଠାରେ ଜ୍ଞାନ ଓ ପ୍ରଯତ୍ନ ଉଭୟ ରହିଛି । ସେ ଜାଣନ୍ତି ବି ଏବଂ କରନ୍ତି ମଧ୍ୟ ।

କିନ୍ତୁ ଗୋଟିଏ ବିଷୟରେ ଈଶ୍ୱର ଆମ ଠାରୁ ଭିନ୍ନ ଅଟନ୍ତି । ଆମକୁ ଯେପରି କେବେ ସୁଖ ଅନୁଭବ ହୁଏ ତ ପୁଣି କେବେ ଦୁଃଖ, ଈଶ୍ୱରଙ୍କୁ ସେପରି ସୁଖ କି ଦୁଃଖ କେବେ ହୁଏ ନାହିଁ । ଆମେ ଯେଉଁଭଳି କାହାକୁ ମୋହ ଏବଂ ଅନ୍ୟ କାହାକୁ ଘୃଣା କରୁ ଈଶ୍ୱର ସେପରି କରନ୍ତି ନାହିଁ । ଈଶ୍ୱର ମେଜ ଭଳି ହର୍ଷ ଓ ଶୋକ ତଥା ଇଚ୍ଛା ଓ ଦ୍ୱେଷରୁ ରହିତ ।

ତଥାପି ଏହା ମନେକରିବା ଅନୁଚିତ ଯେ ଈଶ୍ୱର ମେଜ ହୋଇଗଲେ ଅଥବା ମନୁଷ୍ୟ । ଗୋଟିଏ ବା ଦୁଇଟି ଧର୍ମ ସମାନ ହୋଇଗଲେ, କୌଣସି ଭିନ୍ନ-ଭିନ୍ନ ବସ୍ତୁ ଏକ ହୋଇଯାନ୍ତି ନାହିଁ । କପାର ରଙ୍ଗ ଧଳା ଓ ବରଫର ରଙ୍ଗ ମଧ୍ୟ ଧଳା, କିନ୍ତୁ ଧଳା ରଙ୍ଗ ତ କେବଳ ଗୋଟିଏ ଗୁଣ ମାତ୍ର । ଏଣୁ ଏହି ଗୋଟିଏ ଗୁଣ ମାତ୍ର ସମାନ ହୋଇଥିବା ହେତୁ ବରଫ ଏବଂ କପା ଏକା ବସ୍ତୁ ନୁହନ୍ତି । ବରଫ ଶୀତଳ, କିନ୍ତୁ କପା ଶୀତଳ ନୁହେଁ । ଏହିପରି ଈଶ୍ୱର ମେଜ ଆଦି ଜଡ଼ ପଦାର୍ଥ ଠାରୁ ବି ଭିନ୍ନ ଏବଂ ମନୁଷ୍ୟ ଆଦି ଚେତନ ପଦାର୍ଥ ଠରୁ ବି ଭିନ୍ନ ଅଟନ୍ତି ।

ବର୍ତ୍ତମାନ ଦେଖାଯାଉ ଯେ ଆମକୁ ସୁଖ-ଦୁଃଖ ବା ଇଚ୍ଛା-ଦ୍ୱେଷ କାହିଁକି ହୁଏ ? ଆମେ ଖାଦ୍ୟ ଖାଉ । ଯଦି ଖାଦ୍ୟ ନ ମିଳେ ତେବେ ଆମକୁ ଦୁଃଖ ହୁଏ ଏବଂ ଯଦି ମିଳିଯାଏ ତେବେ ସୁଖ । କ୍ଷୁଧାରେ ଆତୁର ହେଉଥିବା ସମୟରେ ଯେଉଁ ବ୍ୟକ୍ତି ଆମ ପାଇଁ ଖାଦ୍ୟର ବ୍ୟବସ୍ଥା କରେ ତାଙ୍କୁ ଆମେ ସ୍ନେହ କରୁ ଏବଂ ଯଦି କେହି ଖାଦ୍ୟ ପ୍ରାପ୍ତିରେ କେହି ବ୍ୟାଘାତ ସୃଷ୍ଟି କରେ ତାକୁ ଆମେ ଦ୍ୱେଷ କରୁ । ଏହିପରି ଆମ ଆଖି ବ୍ୟଥା ହୁଏ । ଆମକୁ ଦୁଃଖ ହୁଏ । ଆମେ ପୀଡ଼ାରେ ଚିତ୍କାର କରୁ । ସେହି ଦୁଃଖକୁ ଦୂର କରିବା ପାଇଁ ଆମେ ପ୍ରଯତ୍ନ କରୁ, କାରଣ ଆମେ ଜାଣୁ ଯେ ଯଦି ଆଖି ଠିକ୍ ହୋଇଯାଏ ତେବେ ଆମକୁ ସୁଖ ମିଳିବ । କିନ୍ତୁ ଯଦି କୌଣସି ବ୍ୟକ୍ତି ଆମର ଏହି ଦୁଃଖକୁ ବଢ଼ାଇଦିଏ ତେବେ ଆମେ ତାକୁ ଦ୍ୱେଷ କରୁ । ଆମେ କହୁ ଯେ ସେ ଖରାପ ଲୋକ । କିନ୍ତୁ ଯଦି କୌଣସି ସହୃଦୟ ବ୍ୟକ୍ତି ବା ଚିକିତ୍ସକ ଆସି ଆମ ଆଖିକୁ ଠିକ୍ କରିଦିଅନ୍ତି, ତେବେ ଆମେ ତାଙ୍କୁ ଭଲପାଉ । ଏଥିରୁ ଏହା ଜଣାଯାଏ ଯେ ଆମେ ପ୍ରଯତ୍ନ ତ କରିପାରୁ, କିନ୍ତୁ ସଂସାରର ସମସ୍ତ ସାମଗ୍ରୀ ଆମ ହାତରେ ନାହିଁ । ଆମେ ସଂସାରକୁ ତ ଆମର ଅଧୀନ କରିବାକୁ ଚାହୁଁ, କିନ୍ତୁ ଅଧୀନ କରିପାରୁ ନାହୁଁ । ଏଣୁ ଆମକୁ ସୁଖ ବା ଦୁଃଖ ହୋଇଥାଏ । ଯଦି ଆମେ ଯାହା ଚାହାଁନ୍ତେ ତାହା କରିପାରନ୍ତେ, ଯଦି ସଂସାରର ସମସ୍ତ କାର୍ଯ୍ୟ ଆମର କଥାନୁସାରେ ହୁଅନ୍ତା, ତେବେ ଆମେ ଦୁଃଖକୁ କେବେ ବି ନିଜ ପାଖକୁ ଆସିବାକୁ ଦିଅନ୍ତେ ନାହିଁ । ଯେତେବେଳେ ଆମେ ଚାହିଁଲେ ବର୍ଷା କରିପାରନ୍ତେ, ପୁଣି ଚାହିଁଲେ ମେଘକୁ ହଟେଇ ଦେଇପାରନ୍ତେ । କିନ୍ତୁ ଏହା ହେଉ ନାହିଁ । ଆମର ଶକ୍ତି ଅଳ୍ପ, ଆମେ ପରତନ୍ତ୍ର ।

ମେଜ ଆଦି ଜଡ଼ ପଦାର୍ଥ ବି ପରାଧୀନ । କିନ୍ତୁ ଆମର ପରାଧୀନତା ଓ ମେଜର ପରାଧୀନତା ମଧ୍ୟରେ ପାର୍ଥକ୍ୟ ରହିଛ । ମେଜ ସର୍ବଥା ପରାଧୀନ । ତାକୁ ଗୋଟିଏ ସ୍ଥାନରେ ରଖିଦେଲେ, ସେ ସେହିଠାରେ ହି ପଡ଼ି ରହିଥାଏ । ସେ ହଲଚଲ ହୋଇପାରେ ନାହିଁ । ଆମେ କେତେକ କ୍ଷେତ୍ରରେ ସ୍ୱତନ୍ତ୍ର ମଧ୍ୟ । ଆମେ ଚାହିଁଲେ ହାତକୁ ଉଠାଇ ପାରିବା ଏବଂ ଚାହିଁଲେ ତଳକୁ କରିଦେବା । ଆମେ ଚାହିଁଲେ କଥା କହିଲେ ଏବଂ ଆମେ ଚାହିଁଲେ ଚୁପ୍ ରହିଲେ । ଚାହିଁଲେ ଆଖି ଖୋଲିଲେ, ଚାହିଁଲେ ବନ୍ଦ

କଲେ । ସଂସାରର ଅନେକ ପଦାର୍ଥ ଆମ ଅଧୀନରେ ରହିଛି । ଆମେ ସେଗୁଡ଼ିକୁ ଏକ ସୀମା ଭିତରେ ନିର୍ମାଣ ବା ନଷ୍ଟ କରିଦେଇ ପାରିବା । ଆମେ ମେଜକୁ ଉଠାଇ ଏଣେତେଣେ ରଖିପାରିବା । ଆମେ ତାକୁ ଭାଙ୍ଗିଦେଇ ପାରିବା । ଆମେ ମାଟିରେ ହାଣ୍ଡି ବା ଡେକଚି ତିଆରି କରିପାରିବା । ଆମେ ଚାହିଁଲେ ସୁନାରେ ବଳା ବା ଚାହିଁଲେ କୁଣ୍ଡଳ କରିପାରିବା । ଆମେ ଅଟାରେ ରୁଟି ତିଆରି କରିପାରିବା ଏବଂ ଚାହିଁଲେ ପୁରୀ କରିପାରିବା । ଏଣୁ ଆମେ ସର୍ବଥା ପରତନ୍ତ୍ର ବୋଲି କହିବା ଠିକ୍ ହେବ ନାହିଁ । ଯଦିବା କେତେକ କ୍ଷେତ୍ରରେ ପରତନ୍ତ୍ର, ତଥାପି ଅନେକ କ୍ଷେତ୍ରରେ ସ୍ୱତନ୍ତ୍ର ମଧ୍ୟ । ପରାଧୀନତା କ୍ଷେତ୍ରରେ ଆମେ ମେଜ ତୁଲ୍ୟ; କିନ୍ତୁ ସ୍ୱତନ୍ତ୍ରତା କ୍ଷେତ୍ରରେ ଆମେ ମେଜଠାରୁ ସର୍ବଥା ଭିନ୍ନ ।

ଆମର ସ୍ୱତନ୍ତ୍ରତାର ହିଁ ଫଳ ସ୍ୱରୂପ ଏହି ସୃଷ୍ଟିରେ ଆମେ ଅନେକ ପ୍ରକାର ପରିବର୍ତ୍ତନ କରିପାରିଛେ । ସୃଷ୍ଟିକୁ ଆମେ ସେହିପରି ଛାଡୁ ନାହେଁ ଯେପରି ଈଶ୍ୱର ତିଆରି କରୁଛନ୍ତି । ସେ ଏକ ସୀମା ନିର୍ଦ୍ଧାରଣ କରିଛନ୍ତି ଯେଉଁ ସୀମା ଭିତରେ ଆମେ ନିଜର ଇଚ୍ଛାନୁସାରେ ପରିବର୍ତ୍ତନ କରିଚାଲିଛେ । ଈଶ୍ୱର ସୂର୍ଯ୍ୟ ଓ ଚନ୍ଦ୍ରକୁ ସୃଷ୍ଟି କରିଛନ୍ତି । ଆମେ ସେସବୁ ଦେଖି-ଦେଖି ଦୀପ, ଲଣ୍ଠନ ଆଦି ତିଆରି କରିଛେ । ଈଶ୍ୱର ନଦୀ ସୃଷ୍ଟି କରିଛନ୍ତି, ଆମେ କେନାଲ ତିଆରି କରିଛେ । ଈଶ୍ୱର ସରୋବର ତିଆରି କରିଛନ୍ତି, ଆମେ ସେ ସବୁକୁ ଦେଖି ହାଣ୍ଡି, କୁଣ୍ଡ ଆଦି ଅନେକ ପ୍ରକାର ପାତ୍ର ତିଆରି କରୁଛେ । ପହଁରିବା ପାଇଁ ମତ୍ସ୍ୟ ଆଦି ଜଳଚର ପ୍ରାଣୀଙ୍କୁ ଈଶ୍ୱର ଯୋଗ୍ୟ ସାଧନ ଦେଇଛନ୍ତି । ଆମେ ତାକୁ ଅନୁକରଣ କରି ନୌକା, ଜାହାଜ ଆଦି ତିଆରି କଲେ । ଈଶ୍ୱର ପକ୍ଷୀମାନଙ୍କୁ ଉଡ଼ିବା ପାଇଁ ଡେଣା ଦେଇଛନ୍ତି, ଆମେ ବି ବାୟୁଯାନ ତିଆରି କଲେ । ଈଶ୍ୱର ଆମର କାନ ତିଆରି କରିଛନ୍ତି । ତାକୁ ଅନୁଧ୍ୟାନ କରି ଆମେ ଗ୍ରାମଫୋନ୍ ଆଦି ତିଆରି କଲେ । ଏହାର ସାରକଥା ହେଲା ଯେ ଯଦି ମନୁଷ୍ୟ ଆଦି ପ୍ରାଣୀମାନଙ୍କ କାର୍ଯ୍ୟକୁ ନିରୀକ୍ଷଣ କରାଯାଏ ତେବେ ଜଣାଯାଏ ଯେ ଈଶ୍ୱରଙ୍କ କାର୍ଯ୍ୟକୁ ଦେଖିଦେଖି ସେମାନେ ନିଜର ସ୍ୱତନ୍ତ୍ରତା ତଥା ସ୍ୱଚ୍ଛନ୍ଦତାର ପ୍ରୟୋଗ କରି କିଛି ନା କିଛି କରିଚାଲନ୍ତି ।

ଏହିପରି ଭାବେ ତିନୋଟି ଶ୍ରେଣୀ ରହିଛି । ପ୍ରଥମ ଶ୍ରେଣୀରେ ରହିଲେ ଈଶ୍ୱର, ଯିଏ କି ପୂର୍ଣ୍ଣ ସ୍ୱତନ୍ତ୍ର । ଦ୍ୱିତୀୟ ଶ୍ରେଣୀରେ ଆମେ ଜୀବଗଣ, ଯେଉଁମାନେ କି କେତେକାଂଶରେ ସ୍ୱତନ୍ତ୍ର ଓ ଅନେକାଂଶରେ ପରତନ୍ତ୍ର ଏବଂ ତୃତୀୟ ଶ୍ରେଣୀରେ ହେଉଛି ଜଡ଼ ପଦାର୍ଥ ଯାହା ସର୍ବଥା ପରାଧୀନ ।

କେତେକ ମନେକରନ୍ତି କି ମନୁଷ୍ୟ ପ୍ରକୃତି ହାତରେ ଖେଳନା ମାତ୍ର । ଈଶ୍ୱର ହିଁ ସ୍ୱତନ୍ତ୍ର ଅଟନ୍ତି । ଆମେ ସବୁ ସର୍ବଥା ପରତନ୍ତ୍ର । ଈଶ୍ୱରଙ୍କ ନିର୍ଦ୍ଦେଶ ବିନା ପତ୍ରଟିଏ ବି ହଲି ପାରିବ ନାହିଁ । କିନ୍ତୁ ଏହି ଚିନ୍ତନ ଠିକ୍ ନୁହେଁ । ଯଦି ଆମେ ସର୍ବଥା ପରତନ୍ତ୍ର ହୁଅନ୍ତେ ତେବେ ଆମେ କୌଣସି କାର୍ଯ୍ୟ ପାଇଁ ଉତ୍ତରଦାୟୀ ବି ହୁଅନ୍ତେ ନାହିଁ । ଯଦି ଆମେ କୌଣସି କାର୍ଯ୍ୟର ଉତ୍ତରଦାୟୀ ହୋଇ ନ ଥାନ୍ତେ ତେବେ ଈଶ୍ୱର ଆମକୁ ସୁଖ ବା ଦୁଃଖ କାହିଁକି ଦେଇଥାନ୍ତେ ? ମୋ ହାତରେ କଲମ ଅଛି । କଲମ ସର୍ବଥା ମୋର ଅଧୀନ, ସର୍ବଥା ପରତନ୍ତ୍ର । ଚାହିଁଲେ ଏହି କଲମ ଦ୍ୱାରା ମୁଁ କିଛି ଗାଳି ଲେଖିପାରିବି, ଚାହିଁଲେ ଜ୍ଞାନ ବିଷୟ ବି ଲେଖିପାରିବି । ଜ୍ଞାନ ଲେଖିଲେ କଲମର ପ୍ରଶଂସା ହେବ ନାହିଁ କି ଗାଳି ଲେଖିଲେ ଏହାର କୌଣସି ନିନ୍ଦା ହେବ ନାହିଁ; କାରଣ ଭଲ କି ମନ୍ଦ ଲେଖିବା କାମ ବ୍ୟକ୍ତିର, କଲମର ନୁହେଁ । ସେହିପରି ଯଦି ପରମାତ୍ମା ମନୁଷ୍ୟକୁ କେତେକାଂଶରେ ସ୍ୱତନ୍ତ୍ର କରି ନ ଥାନ୍ତେ, ତେବେ ଧର୍ମ-ଅଧର୍ମ, ପୁଣ୍ୟ-ପାପ, ଭଲ-ମନ୍ଦ ଆଦି କିଛି ନ ଥାନ୍ତା । ଆମେ କଲମକୁ ଅଧର୍ମୀ ବୋଲି କହୁ ନାହେଁ କି ଧର୍ମାତ୍ମା ବି କହୁ ନାହେଁ । ଯଦି ପୁଣ୍ୟ-ପାପ, ଭଲ-ମନ୍ଦ ନ ରହେ ତେବେ ତାହାର ଫଳ ବି ସୁଖ ବା ଦୁଃଖ କିଛି ରହିବ ନାହିଁ, ଏଣୁ ଏହା ସ୍ୱୀକାର କରିବା ଉଚିତ ଯେ ଆମେ

ଆମର କର୍ମ କରିବାରେ ସ୍ୱତନ୍ତ୍ର । ଚାହିଁଲେ ଆମେ ଭଲ କରିପାରିବା ଏବଂ ଚାହିଁଲେ ମନ୍ଦ କରିପାରିବା, ଇଚ୍ଛା କଲେ ଆଳସ୍ୟ ବା ପ୍ରମାଦରେ ପଡ଼ି ରହିଲେ, ଚାହିଁଲେ ପରିଶ୍ରମ-ପୁରୁଷାର୍ଥ କରି ନିଜର ତଥା ଅନ୍ୟ ପ୍ରାଣୀଙ୍କର ଉନ୍ନତି ସଂପାଦନ କଲେ । କିନ୍ତୁ କର୍ମଫଳ ଭୋଗକରିବାରେ ଆମେ ଅବଶ୍ୟ ପରତନ୍ତ୍ର; କାରଣ ଆମେ ନିଜର କର୍ମ କରିଦେଲା ପରେ, ତା'ର କର୍ମଫଳ ଆମ ଇଚ୍ଛାନୁସାରେ ପାଇବାର ଅଧିକାର ଆଉ ଆମର ନାହିଁ । ଆମର ଏହି ଅଧିକାର ରହିଛି ଯେ ଆମେ କାହାକୁ ଗାଳି ଦେଇପାରିବା; କିନ୍ତୁ ଗାଳି ଦେଇ ସାରିବା ପରେ କରାଯାଇଥିବା କର୍ମ ଉପରୁ ଆମର ସ୍ୱତନ୍ତ୍ରତା ଲୋପ ହୋଇଯାଏ । ବର୍ତ୍ତମାନ ଅନ୍ୟ ବ୍ୟକ୍ତିର ଅଧିକାର ହେଲା ସେ ଆମକୁ କ'ଣ ଓ କିପରି ଦଣ୍ଡ ଦେବ ।

ଈଶ୍ୱର ସର୍ବଥା ସ୍ୱତନ୍ତ୍ର । କାହିଁକି ? ଏଇଥିପାଇଁ ଯେ ତାଙ୍କର କୌଣସି କାର୍ଯ୍ୟ ସୁଖ ବା ଦୁଃଖ ଭୋଗ କରିବା ପାଇଁ ହୁଏ ନାହିଁ । ଯେଉଁ ମନୁଷ୍ୟ ନିଜ ପାଇଁ କାର୍ଯ୍ୟ କରିଥାଏ, ତାକୁ ଫଳ ଭୋଗ କରିବା ପାଇଁ ପରତନ୍ତ୍ର ବି ହେବାକୁ ପଡ଼ିଥାଏ । କିନ୍ତୁ ଯିଏ ନିଃସ୍ୱାର୍ଥ ଭାବେ କାର୍ଯ୍ୟ କରିଥାଏ ତା'ର କ'ଣ ଚିନ୍ତା, ତା'ର କ'ଣ ପରତନ୍ତ୍ରତା ? ଈଶ୍ୱର କାର୍ଯ୍ୟ ତ ଅବଶ୍ୟ କରନ୍ତି; କିନ୍ତୁ ନିଜ ପାଇଁ ନୁହେଁ, ପ୍ରାଣୀମାନଙ୍କ କଲ୍ୟାଣ ପାଇଁ । ସିଏ ସୂର୍ଯ୍ୟ ନିଜ ପାଇଁ ତିଆରି କରିନାହାନ୍ତି, ବରଂ ଆମ ପାଇଁ କରିଛନ୍ତି । ସେ ଆମ ପାଇଁ ଜଳ ସୃଷ୍ଟି କରିଛନ୍ତି, ଆମ ପାଇଁ ଅଗ୍ନିର ଉତ୍ପତ୍ତି କରିଛନ୍ତି । ସେ ଫୁଲ, ଫଳ, ବୃକ୍ଷ ଓ ବନସ୍ପତି ଆଦି ଆମ ପାଇଁ ଉତ୍ପନ୍ନ କରିଛନ୍ତି । **ଈଶ୍ୱର ନିଷ୍କ୍ରିୟ ନୁହନ୍ତି, କିନ୍ତୁ ନିଷ୍କାମ ଅବଶ୍ୟ ।** ଈଶ୍ୱର ନିରନ୍ତର କାର୍ଯ୍ୟ କରନ୍ତି; କିନ୍ତୁ ଏକ ସାମାନ୍ୟ କ୍ରିୟା ବି ତାଙ୍କର ନିଜ ପାଇଁ ହୁଏ ନାହିଁ ।

ଜୀବାତ୍ମା ଅଳ୍ପଶକ୍ତିମାନ୍; କିନ୍ତୁ ପରମାତ୍ମା ସର୍ବଶକ୍ତିମାନ୍ ଅଟନ୍ତି । ଏହାର ଅର୍ଥ ହେଉଛି କି ଈଶ୍ୱରଙ୍କ ପାଖରେ ଏତେ ଶକ୍ତି ରହିଛି ଯେ ସିଏ ସମସ୍ତ ଜୀବ ଏବଂ ସମସ୍ତ ପରମାଣୁଗୁଡ଼ିକୁ ନିଜ ଅଧୀନରେ ରଖି ପାରନ୍ତି । ଆମ ପାଖରେ ବି ଶକ୍ତି ରହିଛି, କାରଣ ଆମେ ବି କଲମ ଆଦିକୁ ନିୟନ୍ତ୍ରଣରେ ରଖିପାରୁଛୁ । ଯଦି ଆମଠାରେ କୌଣସି ବି ଶକ୍ତି ନ ଥାନ୍ତା, ତେବେ ଈଶ୍ୱରଙ୍କୁ କେବଳ ଶକ୍ତିମାନ୍ କୁହାଯାଇଥାନ୍ତା । ସର୍ବଶକ୍ତିମାନ୍ କହିବାର କ'ଣ ପ୍ରୟୋଜନ ଥିଲା ? କିନ୍ତୁ ଯେତେବେଳେ ଅଳ୍ପ-ଅଳ୍ପ ଶକ୍ତିସମ୍ପନ୍ନ ସତ୍ତା ଅନେକ ଏବଂ ଅନନ୍ତ ସଂଖ୍ୟାରେ ଥାଆନ୍ତି, ସେତେବେଳେ ସେ ସମସ୍ତ ସତ୍ତାମାନଙ୍କୁ ଅଧୀନରେ ରଖୁଥିବା ଈଶ୍ୱରଙ୍କୁ ସର୍ବଶକ୍ତିମାନ୍ କୁହାଯାଏ ।

ଈଶ୍ୱର ଏକ ଏବଂ ଜୀବ ଅନନ୍ତ । ସମସ୍ତଙ୍କର ଅଧିପତି ଜଣେ ହିଁ ହୋଇପାରନ୍ତି । ଏକାଧିକ ଅଧିପତି ହେବା ଅସମ୍ଭବ । କିଛି ଲୋକଙ୍କର ଧାରଣା ଯେ ଜୀବ ଈଶ୍ୱରଙ୍କ ଅଂଶ ବିଶେଷ ଅର୍ଥାତ୍ ଏକ ହିଁ ବ୍ରହ୍ମଙ୍କର ଭିନ୍ନ-ଭିନ୍ନ ଅଂଶର ନାମ ହିଁ ଜୀବ, ଯେଉଁପରି କି ସମୁଦ୍ରରେ ଜଳର ଭିନ୍ନ-ଭିନ୍ନ ବିନ୍ଦୁ ହୋଇଥାନ୍ତି । କିନ୍ତୁ ଏ ବିଚାର ଠିକ୍ ନୁହେଁ । ଈଶ୍ୱର ଅଖଣ୍ଡ ଓ ଏକରସ ଅଟନ୍ତି । ସେ ଖଣ୍ଡ-ଖଣ୍ଡ ହୋଇପାରିବେ ନାହିଁ । ସେହି ବସ୍ତୁ ଖଣ୍ଡ-ଖଣ୍ଡ ହୋଇପାରେ ଯାହା ଏକାଧିକ ବସ୍ତୁର ସଂଯୋଗରେ ତିଆରି ହୋଇଥାଏ । ଈଶ୍ୱର ଅନେକ ବସ୍ତୁର ସଂଯୋଗରେ ତିଆରି ହୋଇନାହାନ୍ତି । ତେଣୁ ସେ ଖଣ୍ଡ-ଖଣ୍ଡ ହୋଇପାରିବେ ନାହିଁ । ହଁ, ଗୋଟିଏ ଦୃଷ୍ଟିରୁ ସାମାନ୍ୟ ରୂପେ ଦୃଷ୍ଟାନ୍ତ ଦେବା ପାଇଁ ଜୀବକୁ ଈଶ୍ୱରଙ୍କ ଅଂଶ କୁହାଯାଇପାରେ, ଅର୍ଥାତ୍ ଈଶ୍ୱର ଯେଭଳି ଚେତନ, ଜୀବ ବି ସେଭଳି ଚେତନ । ଈଶ୍ୱରଙ୍କ ଚେତନତା ବିରାଟ ଏବଂ ଜୀବର ଚେତନତା ଛୋଟ । କିନ୍ତୁ ଜୀବର ଏହି ଚେତନତା ଈଶ୍ୱରଙ୍କ ଚେତନତା ନୁହେଁ । ଏହା ଜୀବର ନିଜସ୍ୱ ଚେତନତା । ଯଦି ଜୀବ ଈଶ୍ୱରଙ୍କ ଅଂଶ ହୋଇଥାଆନ୍ତା, ତେବେ ତା' ଠାରେ ଦୁଃଖ, ଅଜ୍ଞାନ ଆଦି ଅବଗୁଣ ରହି ବି ନ ଥାନ୍ତା ।

କେତେକ ଲୋକ କହନ୍ତି କି ଜୀବ ଈଶ୍ୱରଙ୍କର ପ୍ରତିବିମ୍ବ ମାତ୍ର, ଯେପରିକି ସୂର୍ଯ୍ୟଙ୍କର ଛାୟା ପାଣିରେ ପଡ଼ି ଚମକି ଥାଏ । ହେଲେ ଏହି କଥନ ବି ଠିକ୍ ନୁହେଁ । ପ୍ରତିବିମ୍ବ ଦେଖାଯିବା ପାଇଁ ବିମ୍ବଠାରୁ ଭିନ୍ନ ଏକ ବସ୍ତୁ ଆବଶ୍ୟକ । ସୂର୍ଯ୍ୟଙ୍କର ଛାୟା ଭୂପୃଷ୍ଠର ଜଳ ଉପରେ ତ ପଡ଼ିପାରେ; କିନ୍ତୁ ଯଦି ସୂର୍ଯ୍ୟଙ୍କ ଭିତରେ ହିଁ ଜଳ ରହିଯାଏ, ତେବେ ସେଥିରେ ସୂର୍ଯ୍ୟଙ୍କ ଛାୟା ପଡ଼ିବ ନାହିଁ । ଆପଣ ନିଜର ପ୍ରତିବିମ୍ବକୁ ନିଜଠାରୁ ବାହାରେ ଥିବା ଦର୍ପଣରେ ଦେଖିପାରନ୍ତି, କିନ୍ତୁ ନିଜର ହିଁ ଆଖିର ପିତୁଳାରେ ଦେଖି ପାରିବେ ନାହିଁ । ଈଶ୍ୱର ସର୍ବତ୍ର ବ୍ୟାପକ । ଏଣୁ ତାଙ୍କଠୁ ବାହାରେ କୌଣସି ବସ୍ତୁ ନାହିଁ । ଅତଃ ତାଙ୍କର ଛାୟା ବି କାହା ଉପରେ ପଡ଼ିପାରିବ ନାହିଁ । ଅତଏବ ଜୀବ ଈଶ୍ୱରଙ୍କ ଅଂଶ ନୁହେଁ କି ପ୍ରତିବିମ୍ବ ବି ନୁହେଁ ।

ତେବେ କ'ଣ ବାସ୍ତବରେ ଜୀବ ହିଁ ବ୍ରହ୍ମ ? କଦାପି ନୁହେଁ । ଜୀବ ଜୀବ ଅଟେ । ଜୀବ ବ୍ରହ୍ମ ନୁହେଁ । ଯଦି ସେ ବ୍ରହ୍ମ ହୋଇଥାନ୍ତା, ତେବେ ତାହାଠାରେ ବ୍ରହ୍ମତ୍ୱ ଥାଆନ୍ତା । ତା' ଠାରେ ଦୋଷ ରହନ୍ତା ନାହିଁ, ତ୍ରୁଟି ନଥାନ୍ତା, ଅଜ୍ଞାନତା ବି ରହନ୍ତା ନାହିଁ, ତାକୁ ଦୁଃଖ-କ୍ଲେଶ ହୁଅନ୍ତା ନାହିଁ । କିଛି ଲୋକଙ୍କର ବିଚାର ଯେ ମାୟା ବା ଅନ୍ୟ ଆବରଣ କାରଣରୁ ଜୀବ ନିଜକୁ ଦୁଃଖୀ ବା ଅଜ୍ଞାନ ବୋଲି ବୁଝିଥାଏ । କିନ୍ତୁ ଏହି ବିଚାର ଭୁଲ୍ । ପୂର୍ଣ୍ଣ ଜ୍ଞାନୀ ଓ ସର୍ବଶକ୍ତିମାନ୍ ତଥା ପ୍ରକାଶସ୍ୱରୂପ ବ୍ରହ୍ମଙ୍କୁ କେଉଁ ପରଦା ଢାଙ୍କି ଦେଇପାରିବ ? କେଉଁ ଆବରଣ ତାଙ୍କୁ ଲୁଚାଇ ପାରିବ ? ତାଙ୍କୁ କିଏ ଭ୍ରମରେ ରଖିପାରିବ ? ଅଳ୍ପଜ୍ଞ ଜୀବ ପକ୍ଷେ ତ ସମ୍ଭବ ଯେ ତା'ର ବୁଦ୍ଧି ଉପରେ ପରଦା ପଡ଼ିପାରେ । ତାକୁ ଦୁଃଖରେ ସୁଖର ଏବଂ ସୁଖରେ ଦୁଃଖର ଭ୍ରମ ହୋଇପାରେ । କିନ୍ତୁ ଯେଉଁ ବ୍ରହ୍ମଙ୍କୁ ଉପନିଷଦରେ ସତ୍ୟ, ଜ୍ଞାନ, ଅନନ୍ତ କୁହାଯାଇଛି ତାଙ୍କୁ କୌଣସି କ୍ଲେଶ ସନ୍ତପ୍ତ କରିପାରିବ ନାହିଁ । ସେ କୌଣସି ଉପାଧିରେ ସୀମିତ ହୋଇପାରିବେ ନାହିଁ ।

ଈଶ୍ୱର ଆମର ପିତା, ମାତା, ବନ୍ଧୁ ଅଟନ୍ତି; କିନ୍ତୁ ସେପରି ନୁହନ୍ତି ଯେପରି ଆମର ଲୌକିକ ପିତା-ମାତା ବା ବନ୍ଧୁ ଅଟନ୍ତି । ଏ କଥାର ତାତ୍ପର୍ଯ୍ୟ କେବଳ ଏତିକି ଯେ ଈଶ୍ୱରଙ୍କ ଠାରୁ ବି ସ୍ନେହ-ପ୍ରେମର ପ୍ରାପ୍ତି ହୁଏ, ଯେପରି ପିତା-ମାତା ବା ଭାଇଙ୍କଠାରୁ ମିଳିଥାଏ । ଏହା ଆଳଙ୍କାରିକ ଶବ୍ଦ ଯାହା କି ଈଶ୍ୱରଙ୍କ ଅତ୍ୟନ୍ତ ପ୍ରେମ ଭାବକୁ ପ୍ରକଟ କରିବା ପାଇଁ ବ୍ୟବହୃତ ହୋଇଥାଏ । ବାସ୍ତବରେ ଆମ ପ୍ରତି ଈଶ୍ୱରଙ୍କର ଯେତିକି ପ୍ରେମ ରହିଛି ସେତିକି ପ୍ରେମ କାହା ପ୍ରତି କାହାର ନାହିଁ । ପିତା-ମାତା ଓ ଭାଇଙ୍କ ସ୍ନେହରେ ସ୍ୱାର୍ଥ ଭାବ ରହିପାରେ, କିନ୍ତୁ ଈଶ୍ୱରଙ୍କ ପ୍ରେମରେ ନୁହେଁ ।

ଈଶ୍ୱର ସର୍ବବ୍ୟାପକ । ସେ ପ୍ରତ୍ୟେକ ଅଣୁ-ପରମାଣୁରେ ବିଦ୍ୟମାନ । ସେ ଜୀବ ଭିତରେ ଅଛନ୍ତି । ଏଣୁ ତାଙ୍କୁ ଅନ୍ତର୍ଯ୍ୟାମୀ କୁହାଯାଏ । ସେହି ଅନ୍ତର୍ଯ୍ୟାମୀ ଈଶ୍ୱର ଆମର ସମସ୍ତ କାର୍ଯ୍ୟକୁ ଜାଣନ୍ତି ଏବଂ ତା'ର ଅନୁକୂଳ ଆମର କଲ୍ୟାଣ କରନ୍ତି । କେତେକ ଦାର୍ଶନିକ ଆକ୍ଷେପ କରନ୍ତି ଯେ ଯେତେବେଳ ପର୍ଯ୍ୟନ୍ତ ପ୍ରତ୍ୟେକ ପରମାଣୁ ଏବଂ ପ୍ରତ୍ୟେକ ଜୀବ ଭିତରେ କୌଣସି ଶୂନ୍ୟସ୍ଥାନ ନ ଥିବ, ସେତେବେଳ ପର୍ଯ୍ୟନ୍ତ ଅନ୍ୟ କୌଣସି ବସ୍ତୁ ତାହା ଭିତରେ ବ୍ୟାପକ ହୋଇପାରିବ ନାହିଁ । କାନ୍ଥରେ ଯେଉଁ-ଯେଉଁ ସ୍ଥାନରେ ଛିଦ୍ର ହୋଇଥାଏ ସେଠାରେ ପାଣି ଓ ପବନ ଭରି ଯାଉଥାଏ, କିନ୍ତୁ ଯେଉଁଠି ଛିଦ୍ର ନ ଥାଏ ସେଠାରେ ଭରି ପାରେ ନାହିଁ । ଏଣୁ ଯଦି ପରମାଣୁ ବା ଜୀବକୁ ଅସଂଯୁକ୍ତ ବସ୍ତୁ ବୋଲି ସ୍ୱୀକାର କରାଯାଏ, ତେବେ ଈଶ୍ୱର ସେଥିରେ କିପରି ବ୍ୟାପକ ହୋଇପାରିବେ ? କିନ୍ତୁ ଏହି ନିୟମ ଭୌତିକ ବସ୍ତୁମାନଙ୍କ ପାଇଁ ପ୍ରଯୁଜ୍ୟ । ଅଭୌତିକ ଚେତନ ପଦାର୍ଥ ପାଇଁ ଏହି ନିୟମ ପ୍ରଯୁଜ୍ୟ ନୁହେଁ । ଆକାଶ ସମସ୍ତ ତତ୍ତ୍ୱରେ ବ୍ୟାପକ ଅଟେ । ସେହିପରି ଈଶ୍ୱର ସମସ୍ତ ଜୀବ ଏବଂ ପରମାଣୁରେ ବ୍ୟାପକ । ଈଶ୍ୱରଙ୍କର ବ୍ୟାପକତା କ୍ଷେତ୍ରରେ ଭୌତିକ ନିୟମ ଲାଗୁ ହୋଇପାରିବ ନାହିଁ ।

ଜୀବ ନିର୍ବଳ । କିନ୍ତୁ ଈଶ୍ୱରଙ୍କ ସହାୟତାରେ ଜୀବଠାରେ ଶକ୍ତି ଆସେ । ଜୀବ ପରାଧୀନ । କିନ୍ତୁ ସେ ଈଶ୍ୱରଙ୍କ ଉପରେ ଯେତେ ଭରସା ରଖେ ତା' ଭିତରେ ସେହି ଅନୁସାରେ ସ୍ୱତନ୍ତ୍ରତା ଆସେ । ପରନ୍ତୁ ଜୀବ ପୁରୁଷାର୍ଥ ଛାଡ଼ି ଈଶ୍ୱରଙ୍କ ଉପରେ ଭରସା କରି ବସି ରହିବା ଉଚିତ ନୁହେଁ । ଈଶ୍ୱର ଜୀବକୁ କେବଳ ଏତିକି ସହାୟତା କରନ୍ତି ଯେ ସିଏ ତାକୁ ପୁରୁଷାର୍ଥ କରିବା ନିମନ୍ତେ ସାଧନ ଯୋଗାଇ ଦିଅନ୍ତି । ପୁରୁଷାର୍ଥହୀନ ବ୍ୟକ୍ତିକୁ ଈଶ୍ୱର ବି ସହାୟତା କରନ୍ତି ନାହିଁ । ଈଶ୍ୱର ଜୀବକୁ ନିଜ ହାତର ସଖୀ କଣ୍ଢେଇ କରିବାକୁ ଚାହାନ୍ତି ନାହିଁ, ବରଂ ସେ ତାକୁ ମିତ୍ର କରିବାକୁ ଚାହାନ୍ତି । ସିଏ ମିତ୍ର ନୁହେଁ ଯିଏକି ରୁଟିକୁ ଖଣ୍ଡ-ଖଣ୍ଡ କରି ମୋର ପାଟିରେ ପୂରାଇ ଦିଏ, ବରଂ ସେ ହିଁ ପ୍ରକୃତ ମିତ୍ର ଯିଏ ମୋର ଶକ୍ତି-ସାମର୍ଥ୍ୟ ବଢ଼ାଇବାରେ ସହାୟତା କରେ । ଯେଉଁମାନେ ଈଶ୍ୱରଙ୍କ ଠାରୁ ବିମୁଖ ହୋଇଯାଆନ୍ତି ସେମାନେ ଅଭିମାନୀ ହୋଇ ଅତ୍ୟାଚାରୀ ଓ କ୍ରୂର ହୋଇଯାଆନ୍ତି ଏବଂ କୌଣସି ନା କୌଣସି ଦିନ ସେମାନଙ୍କର ସବୁ ଗର୍ବ, ଦର୍ପ, ଅଭିମାନ ଚୂରମାର ହୋଇଯାଏ । ପୁଣି ଯେଉଁମାନେ କେବଳ ଈଶ୍ୱରଙ୍କ ନାମ ହିଁ ଘୋଷୁଥାନ୍ତି; କିନ୍ତୁ ପୁରୁଷାର୍ଥ କରନ୍ତି ନାହିଁ, ସେମାନେ ଶକ୍ତିହୀନ ହୋଇ କେବଳ ଦୁର୍ବଳ ହୋଇଯାଆନ୍ତି ଏବଂ ଶେଷରେ ଈଶ୍ୱରଙ୍କ ନାମ ଜପ କରିବା ପାଇଁ ମଧ୍ୟ ତାଙ୍କଠାରେ ଶକ୍ତି ରହେ ନାହିଁ ।

କିଛି ଲୋକଙ୍କ ଧାରଣା ଯେ ଯେପରି ରାଜା, ମହାରାଜା ବା ଜମିଦାରମାନେ ଚାଟୁକାରିତା ପସନ୍ଦ କରନ୍ତି, ସେହିପରି ଈଶ୍ୱର ବି ଚାଟୁକାରିତା ପସନ୍ଦ କରନ୍ତି । ବିତ୍ତଶାଳୀ ଲୋକମାନଙ୍କର ଅନେକ ଚତୁର ଚାକର କାର୍ଯ୍ୟ ତ କରନ୍ତି ନାହିଁ; କିନ୍ତୁ ମାଲିକଙ୍କ ଆଗରେ ଚିକ୍କଣ କଥା କହି ତାଙ୍କୁ ଖୁସ୍ କରିଥାନ୍ତି । ଧନଶାଳୀ ଲୋକମାନେ ସେମାନଙ୍କ ଉପରେ ପ୍ରସନ୍ନ ଥାଆନ୍ତି । ସେହିଭଳି ଏ ଲୋକମାନେ ଈଶ୍ୱରଙ୍କ ଆଜ୍ଞାକୁ ତ ପାଳନ କରନ୍ତି ନାହିଁ, କିନ୍ତୁ ତାଙ୍କର ନାମ ଘୋଷୁଥାନ୍ତି । ଏହା ଦ୍ୱାରା ସେମାନଙ୍କୁ କୌଣସି ଫଳ ମିଳିବ ନାହିଁ । ଆମେ ଅନ୍ୟମାନଙ୍କୁ ତ ଚିକ୍କଣ କଥା କହି ଭୁଲାଇ ଦେଇପାରିବା, କିନ୍ତୁ ଈଶ୍ୱରଙ୍କୁ କିଏ ଠକି ଦେଇପାରିବ ? ବିଚାର କରିବା ଉଚିତ ଯେ ଈଶ୍ୱର ଏଥିପାଇଁ ସୃଷ୍ଟି ନିର୍ମାଣ କରିନାହାନ୍ତି ଯେ ଲୋକମାନେ ତାଙ୍କର ଚାଟୁକାରିତା କରିବେ । ଈଶ୍ୱର ସମଗ୍ର ସୃଷ୍ଟି ପ୍ରାଣୀମାନଙ୍କ ଲାଭ ଓ ହିତ ପାଇଁ କରିଛନ୍ତି । ଏଣୁ ଆମେ ଯଦି ଅନ୍ୟ ଜୀବଗଣଙ୍କର କଲ୍ୟାଣ କରିବା ତେବେ ଈଶ୍ୱର ଅବଶ୍ୟ ପ୍ରସନ୍ନ ହେବେ ।

ଆଉ କିଛି ଲୋକଙ୍କର ଧାରଣା ଯେ, ଯଦି ଈଶ୍ୱର ଚାଟୁକାରିତା ଚାହାନ୍ତି ନାହିଁ, ତାହା ହେଲେ ତାଙ୍କର ସ୍ତୁତି କାହିଁକି କରିବା ? ଏପରି କହିବା ବି ଠିକ୍ ନୁହେଁ । ଈଶ୍ୱରଙ୍କର ଗୁଣ ଚିନ୍ତନ କରିବା ଦ୍ୱାରା ନିଜଠାରେ ସେସବୁ ଶୁଭ ଗୁଣ ପ୍ରତି ପ୍ରେମ ଭାବ ଜାତ ହୁଏ ଏବଂ ସେହି ପ୍ରେମ ଦ୍ୱାରା ଆମେ ସେସବୁ ଶୁଭ ଗୁଣକୁ ନିଜ ଭିତରେ ଧାରଣ କରିବା ପାଇଁ ଉଦ୍ୟମ କରିପାରିବା । ଈଶ୍ୱରଙ୍କ ଉପାସନା ଦ୍ୱାରା ନିଜ ଭିତରେ ସାହସ ବଢ଼େ ଓ ଅନେକ କୁକର୍ମରୁ ଆମେ ଉଦ୍ଧାର ପାଇପାରିବା ।

ଆମର କର୍ତ୍ତବ୍ୟ ହେଲା ଯେ ଆମେ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବା, ତାଙ୍କୁ ପ୍ରେମ କରିବା ଓ ତାଙ୍କର ଅନୁକରଣ କରିବା । ଈଶ୍ୱର ଯେପରି ନିରନ୍ତର କାର୍ଯ୍ୟ କରୁଛନ୍ତି ଆମେ ବି ସେପରି ନିରନ୍ତର ପୁରୁଷାର୍ଥ କରିବା । ସେ ଯେପରି ସମସ୍ତ ଜୀବଙ୍କ ହିତ ପାଇଁ କାର୍ଯ୍ୟ କରନ୍ତି ସେହିପରି ଆମେ ବି ସମସ୍ତ ଜୀବଙ୍କ କଲ୍ୟାଣ ନିମନ୍ତେ ନିଃସ୍ୱାର୍ଥ ଭାବରେ ଉଦ୍ୟମ କରିବା । ଏହା ହିଁ ହେଉଛି ଈଶ୍ୱରଙ୍କ ପ୍ରତି ପ୍ରକୃତ ଭକ୍ତି । ଯଦି ଆମେ ଏପରି କରିବା, ତେବେ ଈଶ୍ୱର ଅବଶ୍ୟ ଆମ ପ୍ରତି କୃପା କରିବେ ଏବଂ ଆମେ ଈଶ୍ୱରଙ୍କର ବଳ ଓ ଆନନ୍ଦ ଉଭୟ ଲାଭ କରିବାର ହକ୍‌ଦାର ହୋଇପାରିବା ।

ଭାଷାନ୍ତର
**ପଦ୍ମନାଭ ସ୍ୱାଇଁ**

❖❖❖

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ପୂର୍ବାନୁକ୍ରମିକ...

**ମହର୍ଷି ଦୟାନନ୍ଦ ସରସ୍ୱତୀ**

ଜଣେ ଜାଠ ଥିଲା । ତା'ର ଗୋଟିଏ ସୁନ୍ଦର ଦୁଧିଆଳୀ ଗାଇ ଥିଲା ଯିଏକି ଦୈନିକ କୋଡ଼ିଏ ସେର କ୍ଷୀର ଦେଉଥିଲା । କ୍ଷୀର ବହୁତ ସ୍ୱାଦିଷ୍ଟ ଥିଲା । ସେହି କ୍ଷୀର କେବେ-କେବେ ପୁରୋହିତଙ୍କ ପାଟିରେ ବି ପଡୁଥିଲା । ପୁରୋହିତଙ୍କ ମନରେ ଲୋଭ ଜାତ ହେଲା । ସେ ମନେମନେ ବିଚାର କରୁଥିଲେ ଯେ ଏହାର ବୁଢ଼ା ବାପା ଯେତେବେଳେ ମରିବାକୁ ବସିବ ସେତେବେଳେ ମୁଁ ଏହି ଗାଇକୁ ଗୋଦାନରେ ସଂକଳ୍ପ କରାଇ ନେଇଯିବି । ଦୈବ ଯୋଗକୁ କିଛି ଦିନ ପରେ ତା' ବାପାର ମୃତ୍ୟୁ ସମୟ ଆସି ପହଞ୍ଚିଲା । କଥାବାର୍ତ୍ତା ବନ୍ଦ ହୋଇଗଲା । ଅନ୍ତିମ ସମୟ ଉପସ୍ଥିତ ହୋଇଗଲା ବୋଲି ବିଚାର କରି ତାକୁ ଖଟରୁ ଓହ୍ଲାଇ ତଳେ ବିଛଣାରେ ଶୁଆଇ ଦିଆଗଲା । ଜାଠର ବହୁତ ବନ୍ଧୁ-ବାନ୍ଧବ, ସମ୍ପର୍କୀୟମାନେ ମଧ୍ୟ ସେ ସମୟରେ ଉପସ୍ଥିତ ଥିଲେ । ଠିକ୍ ମଉକା ଦେଖି ପୁରୋହିତ କହିଲେ— 'ଯଜମାନ ! ଆଉ ବିଳମ୍ବ କରନାହିଁ, ଏବେ ବାପାଙ୍କ ହାତରେ ଗୋଦାନ କରାଇ ଦିଅ ।' ଜାଠ ଗାଇ ବାବଦରେ ଦଶ ଟଙ୍କା ଆଣି ବାପାଙ୍କ ହାତରେ ରଖି କହିଲା — 'ସଂକଳ୍ପ ପଢ଼ନ୍ତୁ ।'

ପୁରୋହିତ କହିଲେ — 'ଆଚ୍ଛା କଥା ! ଏମିତି କ'ଣ ଗୋଦାନ କରାଯାଏ ? ବାପା କ'ଣ ଆଉଥରେ ମରିବେ ? ଏଇ ସମୟରେ ବାସ୍ତବିକ ଗାଇ ଆଣ, ଯିଏକି ବୁଢ଼ୀ ହୋଇନଥିବ, କ୍ଷୀର ବି ଦେଉଥିବ, ସବୁ ଦିଗରୁ ଉତ୍ତମ ଲକ୍ଷଣଯୁକ୍ତ ହୋଇଥିବ ।'

**ଜାଠ —** ଆମ ଘରେ ତ ଗୋଟିଏ ମାତ୍ର ଗାଇ ଅଛି । ତାକୁ ଦାନ କରିଦେଲେ ମୋ ପିଲା-ଛୁଆଙ୍କର ନିର୍ବାହ ହୋଇପାରିବ ନାହିଁ । ତେଣୁ ତାକୁ ଦେଇପାରିବି ନାହିଁ । ତୁମେ ଆଉ ଅଧିକ ଦଶ ଟଙ୍କା ନିଅ । ଗୋଦାନ ସଂକଳ୍ପ ପଢ଼ିଦିଅ । ଏ କୋଡ଼ିଏ ଟଙ୍କାରେ ଏକ ଦୁଧିଆଳୀ ଗାଇ କିଣିନେବ ।

**ପୁରୋହିତ —** ଆରେ ବାଃ ! ତୁମେ ଗାଇକୁ ନିଜ ବାପାଠାରୁ ବି ଅଧିକ ବୋଲି ଭାବୁଛ ? ନିଜ ବାପାଙ୍କୁ ବୈତରଣୀ ନଦୀରେ ବୁଡ଼ାଇ ଦୁଃଖ ଦେବାକୁ ଚାହୁଁଛ ? ବଡ଼ ସୁପୁତ୍ର ବାହାରିଲ !

ସେତେବେଳେ ତ ସମସ୍ତ ବନ୍ଧୁ-ବାନ୍ଧବ ପୁରୋହିତଙ୍କ ପକ୍ଷ ନେଲେ । କାରଣ ପୁରୋହିତ ଆଗରୁ ହିଁ ସେ ସମସ୍ତଙ୍କୁ ବାଗ୍‌ଜାଲରେ ଭୁଲାଇ ସାରିଥିଲା ଓ ସେ ସମୟରେ ବି ଠାରିଦେଲା । ସମସ୍ତେ ମିଶି ଜୋର୍ କରି ସେହି ଗାଇକୁ ସେହି ପୁରୋହିତଙ୍କୁ ଦାନ କରାଇଦେଲେ । ପରିସ୍ଥିତି ଦେଖି ଜାଠ ସେ ସମୟରେ ଆଉ କିଛି ବି କହିଲା ନାହିଁ । ତା' ବାପାଙ୍କ ମୃତ୍ୟୁ ହୋଇଗଲା । ପୁରୋହିତ ବାଛୁରୀ ସହ ଗାଈ ଓ ଦୁଧଦୁହାଁ ପାତ୍ର ନେଇ ନିଜ ଘରକୁ ଗଲେ । ଗାଈ-ବାଛୁରୀକୁ ଘରେ ବାନ୍ଧି, ଦୁଧଦୁହାଁ ପାତ୍ର ରଖିଦେଇ ପୁରୋହିତ ଯଜମାନର ଘରକୁ ଆସିଲେ । ଶବ ସହ ଶ୍ମଶାନକୁ ଯାଇ ଦାହକର୍ମ କଲେ । ସେଠାରେ ବି କିଛି-କିଛି ପୋପ୍‌ଲୀଳା ଚଳେଇଲେ । ତା'ପରେ ଦଶଗାତ୍ର, ସପିଣ୍ଡୀକରଣ ଆଦି ଅନେକ ପ୍ରପଞ୍ଚ କରି ତାକୁ ଭଲ ଭାବେ ଲଣ୍ଡା କରିଦେଲେ । ମହାବ୍ରାହ୍ମଣମାନେ ମଧ୍ୟ ତାକୁ ଲୁଣ୍ଠନ କଲେ ।

ମୃତକ ଭୋଜି ଖାଇବାକୁ ଗୃଧ୍ର ଦୃଷ୍ଟିରେ ଅନେଇଥିବା ଭୋକିଲାମାନେ ମଧ୍ୟ ବହୁତ ମାଲ ପେଟରେ ଭରିଲେ । ଏସବୁ କ୍ରିୟା-କର୍ମ ଚାଲିଥିବା ପର୍ଯ୍ୟନ୍ତ ସେ ଜାଠ ସାହି-ପଡ଼ିଶାଙ୍କ ଘରୁ କ୍ଷୀର ମାଗି-ଯାଚି ପିଲାଛୁଆଙ୍କ ନିର୍ବାହ କଲା । ଚଉଦ ଦିନ ସକାଳୁ-ସକାଳୁ ସିଏ ପୁରୋହିତଙ୍କ ଘରେ ପହଞ୍ଚିଲା । ଦେଖିଲା ଯେ ପୁରୋହିତ ଗାଈକୁ ଦୁହିଁ, ବାଲ୍‌ଟି ଭରା କ୍ଷୀର ଧରି ଘର ଭିତରକୁ ଯିବାକୁ ପ୍ରସ୍ତୁତ ହେଉଛନ୍ତି । ଠିକ୍ ଏ ସମୟରେ ଜାଠ ହାବୋଡ଼ିଗଲା । ତାକୁ ଦେଖି ପୁରୋହିତ କହିଲେ — 'ଆସ ! ଯଜମାନ ବସ । ମୁଁ ଆସୁଛି ।'

**ଜାଠ —** ପୁରୋହିତେ ! ତୁମେ ବି ଏଇଠି ବସ ।

**ପୁରୋହିତ —** ହଁ, ଠିକ୍ ଅଛି । ମୁଁ କ୍ଷୀର ରଖିଦେଇ ଆସୁଛି ।

**ଜାଠ —** ନା, ନା ! କ୍ଷୀର ବାଲ୍‌ଟି ଇଆଡ଼େ ଆଣ ।

ପୁରୋହିତ ଅନନ୍ୟୋପାୟ ହୋଇ କ୍ଷୀର ବାଲ୍‌ଟିକୁ ସମ୍ମୁଖରେ ରଖି ସେଇଠି ବସିଲେ ।

**ଜାଠ —** ପୁରୋହିତ ! ସତରେ ତୁମେ ବଡ଼ ମିଥ୍ୟାଚାରୀ ।

**ପୁରୋହିତ —** କ'ଣ ମିଥ୍ୟା ଆଚରଣ କଲି ?

**ଜାଠ —** କହିଲ ! ତୁମେ ଗାଈ କ'ଣ ପାଇଁ ନେଇଥିଲ ?

**ପୁରୋହିତ —** ତୁମ ବାପାଙ୍କୁ ବୈତରଣୀ ନଦୀ ପାର କରାଇବା ପାଇଁ ।

**ଜାଠ —** ତେବେ ତୁମେ ସେ ଗାଈକୁ ବୈତରଣୀ କୂଳରେ କାହିଁକି ପହୁଞ୍ଚାଇ ନାହଁ ? ଆମେ ତ ତୁମ ଉପରେ ଭରସା କରି ରହିଗଲୁ । ଆଉ ଏଣେ ତୁମେ ଗାଈକୁ ନିଜ ଘରେ ବାନ୍ଧି ରଖିଛ । କିଏ ଜାଣେ ମୋ ବାପା ବୈତରଣୀରେ କେତେଥର ବୁଡ଼ି ପାଣି ପିଇସାରିବେଣି ?

**ପୁରୋହିତ —** ନା, ନା ! ତୁମର ଏହି ଗୋଦାନର ପୁଣ୍ୟ ପ୍ରଭାବରେ ସେଠାରେ ଆଉ ଏକ ଗାଈ ଜାତ ହୋଇ ତୁମ ବାପାକୁ ବୈତରଣୀ ପାର କରାଇସାରିଲାଣି ।

**ଜାଠ —** ବୈତରଣୀ ନଦୀ ଏହିଠାରୁ କେତେ ଦୂର ଓ କେଉଁ ଦିଗରେ ?

**ପୁରୋହିତ —** ଅନୁମାନ ଯେ ପ୍ରାୟ ତିରିଶ କୋଟି କୋଶ ହେବ । କାରଣ ପୃଥିବୀର ବିସ୍ତାର ହେଉଛି ପଚାଶ କୋଟି ଯୋଜନ ଏବଂ ଏହାର ଦକ୍ଷିଣ-ନୈଋତ କୋଣରେ ବୈତରଣୀ ନଦୀ ଅବସ୍ଥିତ ।

**ଜାଠ —** ଆଚ୍ଛା, ଏତେ ଦୂର ! ତେବେ ତୁମେ ନିଶ୍ଚୟ ଚିଠି ବା ତାର ମାଧ୍ୟମରେ ସେଠାକୁ ଖବର ପଠାଇଥିବ । ସେଠାରୁ ଉତ୍ତର ବି ଆସିଥିବ ଯେ ଗୋଦାନର ପୁଣ୍ୟ ଫଳରେ ଏଠାରେ ଏକ ଗାଈ ଜାତ ହୋଇ ଅମୁକ ଲୋକର ବାପାକୁ ବୈତରଣୀ ପାର କରିଦେଇଛି । ସେ ଚିଠି କି ତାର ମୋତେ ଟିକିଏ ଦେଖାଇଲ ।

**ପୁରୋହିତ —** ସେମିତି କୌଣସି ଚିଠି କି ତାରବାର୍ତ୍ତା ତ ମୋ ପାଖରେ ନାହିଁ । ମୋ ପାଖରେ **'ଗରୁଡ଼ପୁରାଣ'** ଅଛି । ଏଥିରେ ଏସବୁର ପ୍ରମାଣ ଅଛି ।

**ଜାଠ —** ଏ ଗରୁଡ଼ ପୁରାଣର କଥା ସତ ବୋଲି ମୁଁ କେମିତି ମାନିବି ?

**ପୁରୋହିତ —** ଯେମିତି ଅନ୍ୟମାନେ ମାନୁଛନ୍ତି ।

**ଜାଠ —** ଏ ପୁସ୍ତକ ତୁମ ପୂର୍ବପୁରୁଷମାନେ ତୁମ ଜୀବିକା ଅର୍ଜନ ପାଇଁ ଲେଖିଛନ୍ତି । ନିଜ ସନ୍ତାନଠୁ ବଳି ଜଣେ ପିତାର ଅନ୍ୟ କେହି ପ୍ରିୟ ଦୁନିଆରେ ନାହାନ୍ତି । ମୋ ବାପା ଯେତେବେଳେ ମୋ ପାଖକୁ ଚିଠି-ପତ୍ର ବା ତାର

ପଠାଇବେ ସେତେବେଳେ ମୁଁ ନିଜେ ଗାଇକୁ ନେଇ ବୈତରଣୀ କୂଳରେ ପହଞ୍ଚାଇ ଦେବି । ଆଉ ତାଙ୍କୁ ବୈତରଣୀ ପାର କରାଇ ଗାଇ ପୁଣି ଘରକୁ ଫେରାଇଆଣିବି । ମୁଁ ଓ ମୋ ଛୁଆପିଲା କ୍ଷୀର ପିଇବୁ । ଆଣ, ସବୁ । ଏକଥା କହି କ୍ଷୀର ଭର୍ତ୍ତି ବାଲ୍‌ଟି, ଗାଇ, ବାଛୁରୀ ସବୁ ନେଇ ଜାଠ ନିଜ ଘରକୁ ବାହାରିଲା ।

**ପୁରୋହିତ —** ତୁମେ ଦାନ କରିଦେଇଥିବା ପଦାର୍ଥକୁ ପୁଣି ନେଇଯାଉଛ । ତୁମର ସତ୍ୟାନାଶ ହୋଇଯିବ ।

**ଜାଠ —** ଚୁପ୍ ରୁହ ! ନଚେତ୍ ତେର ଦିନ ହେଲା କ୍ଷୀର ବିନା ଆମେ ଯେତିକି କଷ୍ଟ ପାଇଛୁ, ସେସବୁ ସୁଧମୂଳ ସହ ଶୁଝେଇ ଦେବି !

**ଏତକ ଶୁଣି ପୁରୋହିତ ଚୁପ୍ ହୋଇ ରହିଲେ । ଜାଠ ଗାଇ-ବାଛୁରୀ ନେଇ ନିଜ ଘରକୁ ଗଲା । ଯଦି ଅନ୍ୟମାନେ ବି ଏହି ଜାଠଙ୍କ ଭଳି ବୁଦ୍ଧିମାନ୍ ହୋଇଯାଆନ୍ତି, ତେବେ ସଂସାରରେ ଆଉ ପୋପ୍‌ଲୀଳା ଚାଲନ୍ତା ନାହିଁ ।**

ଏ ପଣ୍ଡା-ପୁରୋହିତମାନେ ଯେଉଁ କଥା କହନ୍ତି କି ଦଶଗାତ୍ର ପିଣ୍ଡ ଦ୍ୱାରା ମୃତକର ଦଶ ଅଙ୍ଗ ନିର୍ମିତ ହୁଏ, ସପିଣ୍ଡୀକରଣ ଦ୍ୱାରା ଶରୀର ସହ ଜୀବର ସଂଯୋଗ ହୋଇ, ଅଙ୍ଗୁଷ୍ଠମାତ୍ର ଶରୀର ନିର୍ମିତ ହୋଇ, ତଦନନ୍ତର ମୃତାତ୍ମା ଯମଲୋକକୁ ଯାତ୍ରା କରେ; ଯଦି ଏକଥା ସତ ତେବେ ତ ମୃତ୍ୟୁ ସମୟରେ ଯମଦୂତଙ୍କ ଆସିବା ନିରର୍ଥକ । ସେମାନେ ତେରଦିନ ପରେ ଆସିବା ଉଚିତ । ତା'ଛଡ଼ା ଦଶଗାତ୍ର ଓ ସପିଣ୍ଡୀକରଣ ଦ୍ୱାରା ଯଦି ଶରୀର ନିର୍ମାଣ ହୋଇଯାଏ ତେବେ ନିଜ ସ୍ତ୍ରୀ, ସନ୍ତାନ ଓ ଇଷ୍ଟମିତ୍ରଙ୍କ ମୋହରେ ସେ ଜୀବ କାହିଁକି ଫେରି ଆସେ ନାହିଁ ?

**ପ୍ରଶ୍ନ —** ସ୍ୱର୍ଗରେ କିଛି ମିଳେ ନାହିଁ । ଏଠାରେ ଯାହା ଦାନ କରାଯାଏ, ସେସବୁ ହିଁ ସେଠାରେ ପହଞ୍ଚେ ଓ ମୃତକକୁ ମିଳେ । ଏଣୁ ସବୁ ଜିନିଷ ଦାନ କରିବା ଉଚିତ ।

**ଉତ୍ତର —** ତେବେ ତ ତୁମର ସେ ସ୍ୱର୍ଗଠାରୁ ଏ ମର୍ତ୍ତ୍ୟଲୋକ ଭଲ, ଯେଉଁଠିକି ଧର୍ମଶାଳା ଅଛି, ଲୋକେ ଦାନ ଦେଉଛନ୍ତି, ଇଷ୍ଟ-ମିତ୍ର ଓ ଜାତି-ସମାଜ ତରଫରୁ ଖୁବ୍ ନିମନ୍ତ୍ରଣ ମିଳିଥାଏ, ଭଲ-ଭଲ ବସ୍ତ୍ର ମିଳୁଛି । ତୁମ କହିବା ଅନୁସାରେ ସ୍ୱର୍ଗରେ ତ କିଛି ମିଳେ ନାହିଁ । ତେବେ ଏପରି ନିର୍ଦ୍ଦୟ, କୃପଣ, ଅଭାବ, କାଙ୍ଗାଳ ସ୍ୱର୍ଗକୁ ପଣ୍ଡା-ପୁରୋହିତମାନେ ଯାଇ ଦୁଃଖ ଭୋଗ କରନ୍ତୁ । ସେଠାକୁ ଭଲ ଲୋକଙ୍କର ଯିବାର କ'ଣ ଆବଶ୍ୟକତା ଅଛି ?

**ପ୍ରଶ୍ନ —** ତୁମର କଥନ ଅନୁସାରେ ଯଦି ଯମଲୋକ ଓ ଯମ ନାହାନ୍ତି, ତେବେ ମୃତ୍ୟୁ ପରେ ଜୀବ କୁଆଡ଼େ ଯାଏ ? ଆଉ ତା'ର ନ୍ୟାୟ କିଏ କରେ ?

**ଉତ୍ତର —** ତୁମର 'ଗରୁଡ଼ପୁରାଣ'ର କଥନ ତ ଡାହାମିଛ । କିନ୍ତୁ ଏ ବିଷୟରେ ଯାହା ବେଦରେ କୁହାଯାଇଛି, ତାହା ହେଲା —

**ୟମେନ = ବାୟୁନା ।** (ଋକ୍. ଭାଷ୍ୟ. ୭:୩୩:୧୨)

**ସତ୍ୟରାଜନ୍ ।** (ଯଜୁଃ. ଭାଷ୍ୟ. ୨୦:୪)

ଏସବୁ ବେଦବଚନରୁ ନିଷ୍କର୍ଷ ବାହାରୁଛି ଯେ ବାୟୁର ନାମ ହେଉଛି **'ଯମ'** । ଜୀବ ଶରୀର ତ୍ୟାଗ କରିବା ପରେ ବାୟୁ ସହ ଅନ୍ତରିକ୍ଷରେ ରହେ । ପୁଣି ସତ୍ୟକର୍ତ୍ତା, ପକ୍ଷପାତରହିତ ପରମାତ୍ମା ହେଉଛନ୍ତି **'ଧର୍ମରାଜ'** । ସେ ହିଁ ସମସ୍ତଙ୍କର ନ୍ୟାୟ କରନ୍ତି ।

## ଦାନର ପାତ୍ର-ଅପାତ୍ର

**ପ୍ରଶ୍ନ —** ତୁମ କହିବା ଅନୁସାରେ ତ ଗୋଦାନ ଆଦି ଦାନ କାହାକୁ ବି ନ ଦେବା ଉଚିତ, ଏବଂ କୌଣସି ଦାନ-ପୁଣ୍ୟ ନ କରିବା ଉଚିତ - ଏହା ହିଁ ନିଷ୍କର୍ଷ ବାହାରୁଛି ।

**ଉତ୍ତର —** ତୁମର ଏ କଥନ ସମ୍ପୂର୍ଣ୍ଣ ଭୁଲ୍ । କାରଣ ସୁପାତ୍ରରେ, ପରୋପକାରୀମାନଙ୍କୁ ପରୋପକାର ପାଇଁ ସୁନା, ରୁପା, ହୀରା, ନୀଳା, ମୋତି, ମାଣିକ୍ୟ, ଅନ୍ନ, ଜଳ, ବସ୍ତ୍ର, ଭୂମି, ଗାଈ ଆଦି ଦାନ କରିବା ଉଚିତ; କିନ୍ତୁ କୁପାତ୍ରରେ କଦାପି ଦାନ ଦେବା ଉଚିତ ନୁହେଁ ।

**ପ୍ରଶ୍ନ — 'ସୁପାତ୍ର'** ଓ **'କୁପାତ୍ର'**ର ଲକ୍ଷଣ କ'ଣ ?

**ଉତ୍ତର —** ଯିଏ ଛଳନାକାରୀ, କପଟୀ, ସ୍ୱାର୍ଥୀ, ବିଷୟାସକ୍ତ, କାମ-କ୍ରୋଧ-ଲୋଭ-ମୋହଯୁକ୍ତ, ପରର ଅନିଷ୍ଟକାରୀ, ଲମ୍ପଟ, ମିଥ୍ୟାବାଦୀ, ଅବିଦ୍ୱାନ୍, କୁସଙ୍ଗୀ, ଆଳସ୍ୟପରାୟଣ; କୌଣସି ଦାତାଙ୍କୁ ଯିଏ ବାରମ୍ବାର ମାଗେ, ଦୁଆରେ ଧାରଣା ଦିଏ, ମନାକଲେ ବି ହଠତାପୂର୍ବକ ମାଗିଚାଲିଥାଏ, ସନ୍ତୁଷ୍ଟ ହୁଏ ନାହିଁ, ନ ଦେବା ଲୋକକୁ ନିନ୍ଦା କରେ, ଅଭିଶାପ ଓ ଗାଳି ଆଦି ଦିଏ; ଅନେକ ଥର ସେବା କରିଥିବ ଅଥଚ ଥରେ ସେବା କରି ନ ପାରିଲେ ତା'ର ଶତ୍ରୁ ହୋଇଯାଏ; ଉପରେ ସାଧୁ-ବେଶ ହୋଇ ଲୋକଙ୍କୁ ଭୁଲାଇ ଠକେ; ନିଜ ପାଖରେ ପଦାର୍ଥ ଥିଲେ ସୁଦ୍ଧା 'ମୋ ପାଖରେ କିଛି ନାହିଁ' ବୋଲି କହୁଥାଏ; ସମସ୍ତଙ୍କୁ ତୋଷାମଦ କରି ନିଜର ସ୍ୱାର୍ଥ ସିଦ୍ଧକାରୀ, ଲୋଭର ବଶବର୍ତ୍ତୀ ହୋଇ ରାତି-ଦିନ ଖାଲି ଭିକ ମାଗିବାରେ ହିଁ ପ୍ରବୃତ୍ତ ଥିବା ବ୍ୟକ୍ତି, କୁଆଡୁ ନିମନ୍ତ୍ରଣ ମିଳିଲେ ଭାଙ୍ଗ ଆଦି ମାଦକ ଦ୍ରବ୍ୟ ପିଇ ପର ପଦାର୍ଥ ପ୍ରଚୁର ଉଦରସାତ୍ କରିବା, ପୁଣି ଉନ୍ମତ୍ତ ହୋଇ ପ୍ରମାଦୀ ହେବା ବ୍ୟକ୍ତି; ନିଜର ସ୍ୱାର୍ଥ ସାଧନ ପାଇଁ ସତ୍ୟ-ମାର୍ଗର ବିରୋଧ ଓ ମିଥ୍ୟା-ମାର୍ଗର ପ୍ରଚଳନକାରୀ, ନିଜ ଚେଲାମାନଙ୍କୁ କେବଳ ନିଜର ହିଁ ସେବା କରିବାକୁ ଉପଦେଶ ଦେବା ଓ ଅନ୍ୟାନ୍ୟ ଯୋଗ୍ୟ ବ୍ୟକ୍ତିଙ୍କ ସେବା କରିବାକୁ ନ କହିବା ଲୋକ, ସଦ୍‌ବିଦ୍ୟାଦି ପ୍ରଚାରର ବିରୋଧୀ; ଜଗତର ବ୍ୟବହାର ଅର୍ଥାତ୍ ପତି, ପତ୍ନୀ, ମାତା, ପିତା, ସନ୍ତାନ, ରାଜା, ପ୍ରଜା, ଇଷ୍ଟମିତ୍ରଙ୍କ ମଧ୍ୟରେ ଦ୍ୱେଷ କରାଇବା ଯେ 'ଏସବୁ ଅସତ୍ୟ, ଜଗତ ବି ମିଥ୍ୟା', ଇତ୍ୟାଦି ଭୁଲ୍ ଉପଦେଶ ଦେବା ବ୍ୟକ୍ତି ପ୍ରଭୃତିଙ୍କୁ **'କୁପାତ୍ର'** କୁହାଯାଏ ।

ଯିଏ ବ୍ରହ୍ମଚାରୀ, ଜିତେନ୍ଦ୍ରିୟ, ବେଦାଦି ବିଦ୍ୟା ପଠନ-ପାଠନକାରୀ; ସୁଶୀଳ, ସତ୍ୟବାଦୀ, ପରୋପକାରପ୍ରିୟ, ପୁରୁଷାର୍ଥୀ, ଉଦାର; ବିଦ୍ୟା-ଧର୍ମର ନିରନ୍ତର ଉନ୍ନତିକାରୀ, ଧର୍ମାତ୍ମା, ଶାନ୍ତ, ନିନ୍ଦା-ସ୍ତୁତିରେ ହର୍ଷ-ଶୋକ ରହିତ; ନିର୍ଭୟ, ଉତ୍ସାହୀ, ଯୋଗୀ, ଜ୍ଞାନୀ; ସୃଷ୍ଟିକ୍ରମ-ବେଦାଦେଶ-ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବର ଅନୁକୂଳ ଆଚରଣକାରୀ; ନ୍ୟାୟପଦ୍ଧତି ଅନୁସରଣକାରୀ, ପକ୍ଷପାତରହିତ, ସତ୍ୟୋପଦେଶକ ଓ ସତ୍ୟଶାସ୍ତ୍ରର ଅଧ୍ୟୟନ-ଅଧ୍ୟାପନାକାରୀ, ପରୀକ୍ଷକ; ଅନ୍ୟର ତୋଷାମଦ କରେ ନାହିଁ; ପ୍ରଶ୍ନର ଯଥାଯଥ ସମାଧାନ କର୍ତ୍ତା; ଅନ୍ୟର ସୁଖ-ଦୁଃଖ, ହାନି-ଲାଭକୁ ମଧ୍ୟ ନିଜର ସୁଖ-ଦୁଃଖାଦି ଭଳି ବିଚାର କର୍ତ୍ତା; ଅବିଦ୍ୟାଦି କ୍ଳେଶ-ହଠ-ଦୁରାଗ୍ରହ-ଅଭିମାନ-ରହିତ; ଅପମାନକୁ ଅମୃତ ଭଳି ଓ ସମ୍ମାନକୁ ବିଷ ତୁଲ୍ୟ ବିଚାରକାରୀ; ସନ୍ତୋଷୀ ଅର୍ଥାତ୍ ପ୍ରୀତିରେ ଯିଏ ଯେତିକି ଦିଏ ସେତିକିରେ ପ୍ରସନ୍ନ; ଆପତ୍‌କାଳରେ ଥରେ ମାଗି ବି କେହି ନ ଦେଲେ କିମ୍ବା ବର୍ଜନ କଲେ ସୁଦ୍ଧା ଦୁଃଖ କି କୁଚେଷ୍ଟା ନ କରିବା, ସେଠାରୁ ତୁରନ୍ତ ଦୂର ହୋଇଯିବା, ତା'ର ନିନ୍ଦା ନ କରିବା ବ୍ୟକ୍ତି; ସୁଖ-ସାଧନ ସମ୍ପନ୍ନ ସହ ମିତ୍ରତା, ଦୁଃଖୀ ପ୍ରତି କରୁଣା, ପୁଣ୍ୟାତ୍ମାଙ୍କ ପ୍ରତି ଶ୍ରଦ୍ଧା ଏବଂ ପାପୀମାନଙ୍କୁ ଉପେକ୍ଷା ଅର୍ଥାତ୍ ପ୍ରୀତି-ଦ୍ୱେଷରହିତ ଆଚରଣକାରୀ; ସତ୍ୟମାନୀ, ସତ୍ୟବାଦୀ, ସତ୍ୟକାରୀ,

ନିଷ୍କପଟ, ଈର୍ଷ୍ୟା-ଦ୍ୱେଷରହିତ, ଗମ୍ଭୀରାଶୟ, ସତ୍‌ପୁରୁଷ, ଧର୍ମଯୁକ୍ତ ତଥା ସର୍ବଥା ଦୁଷ୍ଟାଚାର ରହିତ; ତନୁ-ମନ-ଧନକୁ ପରୋପକାରରେ ସଂଲଗ୍ନକର୍ତ୍ତା; ଅନ୍ୟର ସୁଖ ନିମନ୍ତେ ନିଜ ପ୍ରାଣ ବି ସମର୍ପଣକାରୀ ଇତ୍ୟାଦି ଶୁଭଲକ୍ଷଣଯୁକ୍ତ ବ୍ୟକ୍ତିଙ୍କୁ **'ସୁପାତ୍ର'** କହନ୍ତି ।

**କିନ୍ତୁ ଦୁର୍ଭିକ୍ଷ ଆଦି ବିପତ୍ତି ସମୟରେ ଅନ୍ନ, ଜଳ, ବସ୍ତ୍ର ଓ ଔଷଧ, ପଥ୍ୟ, ସ୍ଥାନ ଆଦିର ଅଧିକାରୀ ପ୍ରାଣୀମାତ୍ରକେ ପ୍ରତ୍ୟେକେ ଅଟନ୍ତି ।**

**ପ୍ରଶ୍ନ —** ଦାତା କେତେ ପ୍ରକାର ଥାଆନ୍ତି ?

**ଉତ୍ତର —** ତିନି ପ୍ରକାରର - ଉତ୍ତମ, ମଧ୍ୟମ ଓ ଅଧମ । ଯିଏ ଦେଶ, କାଳ ଓ ପାତ୍ରର ବିବେଚନା କରି ସତ୍ୟବିଦ୍ୟା ଓ ଧର୍ମର ଉନ୍ନତି ରୂପକ ପରୋପକାର ନିମନ୍ତେ ଦାନ ଦିଏ ତାକୁ **'ଉତ୍ତମ ଦାତା'** କୁହାଯାଏ । ଯିଏ କୀର୍ତ୍ତି ବା ସ୍ୱାର୍ଥ ପାଇଁ ଦାନ କରେ ସିଏ **'ମଧ୍ୟମ ଦାତା'** । ଯିଏ ନିଜର କି ପରର କୌଣସି ଉପକାର ସାଧନ ନିମନ୍ତେ ତ ଅର୍ଥ ବ୍ୟୟ କରେ ନାହିଁ; କିନ୍ତୁ ବେଶ୍ୟା, ଭଣ୍ଡ-ଭାଟମାନଙ୍କୁ ଦାନ ଦିଏ; ଦେବା ସମୟରେ ତିରସ୍କାର-ଅପମାନାଦି କୁଚେଷ୍ଟା ବି କରେ; ପାତ୍ର-ଅପାତ୍ରର କୌଣସି ଭେଦ ବିଚାର କରେ ନାହିଁ; ବରଂ ଧୂଆ-ଅଧୂଆ ସମାନ ବୋଲି ବିଚାରୁଥିବା ଲୋକ ଭଳି ବାଦ-ବିବାଦ କରେ, ଅନ୍ୟ ଧର୍ମାତ୍ମାଙ୍କୁ ଦୁଃଖ ଦେଇ ସୁଖୀ ହେବା ପାଇଁ ଦାନ ଦିଏ, ସିଏ **'ଅଧମ ଦାତା'** । ଅର୍ଥାତ୍ ଯିଏ ପରୀକ୍ଷାପୂର୍ବକ ବିଦ୍ୱାନ୍-ଧର୍ମାତ୍ମାଙ୍କୁ ସତ୍କାର କରେ ସିଏ **'ଉତ୍ତମ'**, ଯିଏ ପରୀକ୍ଷା କେତେବେଳେ କରେ କିମ୍ବା ନ କରେ; କିନ୍ତୁ ଯେଉଁଠି ନିଜକୁ ପ୍ରଶଂସା ମିଳିବ ସେଇଠି ଦାନ ଦିଏ ସିଏ **'ମଧ୍ୟମ'**, ଯିଏ ପରୀକ୍ଷା ନ କରି ଅନ୍ଧଭାବରେ ନିଷ୍ଫଳ ଦାନ କରେ ସିଏ **'ଅଧମ'** ଦାତା ଅଟେ ।

**ପ୍ରଶ୍ନ —** ଦାନର ଫଳ ଇହଲୋକରେ ମିଳେ ନା ପରଲୋକରେ ?

**ଉତ୍ତର —** ସର୍ବତ୍ର ମିଳେ ।

**ପ୍ରଶ୍ନ —** ଦାନର ଫଳ ଆପେ ମିଳିଥାଏ ନା ଅନ୍ୟ କେହି ଦେଇଥାଏ ?

**ଉତ୍ତର —** ଫଳଦାତା ହେଉଛନ୍ତି ଈଶ୍ୱର । ଯେପରିକି କୌଣସି ଚୋର-ଡକାଏତ ନିଜେ କାରାଗାରକୁ ଯିବାକୁ ଚାହେଁ ନାହିଁ, ରାଜା ତାକୁ ଅବଶ୍ୟ କାରାଗାରକୁ ପଠାଇଥାନ୍ତି; ଧର୍ମାତ୍ମାମାନଙ୍କ ସୁଖକୁ ରକ୍ଷା କରି ଧର୍ମାତ୍ମାମାନଙ୍କୁ ଉତ୍ତମ କର୍ମଫଳ ଭୋଗ କରାନ୍ତି, ଚୋର-ଡକାୟତଙ୍କ ଦାଉରୁ ରକ୍ଷା କରି ସେମାନଙ୍କୁ ସୁଖରେ ରଖନ୍ତି, ସେହିପରି ପରମାତ୍ମା ସମସ୍ତଙ୍କୁ ପାପ-ପୁଣ୍ୟର ଦୁଃଖ-ସୁଖ ରୂପକ ଫଳ ଯଥାଯଥ ଭୋଗକରାଇଥାନ୍ତି ।

**ପ୍ରଶ୍ନ —** ଏ ଯେଉଁ **ଗରୁଡ଼ପୁରାଣ** ଆଦି ଗ୍ରନ୍ଥଗୁଡ଼ିକ ଅଛି, ସେସବୁ 'ବେଦାର୍ଥ' ବା 'ବେଦ'କୁ ପୁଷ୍ଟି କରନ୍ତି ନା ନାହିଁ ?

**ଉତ୍ତର —** ନା, ବରଂ ଏସବୁ ବେଦବିରୋଧୀ ଏବଂ ବେଦର ବିପରୀତ ଦିଗରେ ଚାଲନ୍ତି । ତନ୍ତ୍ର ମଧ୍ୟ ଏହିପରି ହିଁ ବେଦବିରୁଦ୍ଧ ପୁସ୍ତକ । ଯେପରିକି କୌଣସି ବ୍ୟକ୍ତି ଜଣକର ମିତ୍ର ଅଥଚ ସାରା ସଂସାରର ଶତ୍ରୁ ହୋଇଛି; ପୁରାଣ ଓ ତନ୍ତ୍ରକୁ ମାନୁଥିବା ବ୍ୟକ୍ତି ବି ଠିକ୍ ସେହିପରି ହୋଇଥାଏ । କାରଣ ଏ ଗ୍ରନ୍ଥଗୁଡ଼ିକ ସମାଜରେ ପରସ୍ପର ମଧ୍ୟରେ ବିରୋଧଭାବ ସୃଷ୍ଟିକାରୀ ଅଟନ୍ତି । ଏସବୁକୁ ମାନିବା କୌଣସି ବୁଦ୍ଧିମାନ୍ ମନୁଷ୍ୟ ପକ୍ଷେ ଉଚିତ ନୁହେଁ, ବରଂ ଏଗୁଡ଼ିକୁ ମାନିବା ଏକଦମ୍ ବୁଦ୍ଧିହୀନତା ।

# ଏକାଦଶୀ ଆଦି ବ୍ରତ-ଉପବାସ ସମୀକ୍ଷା

ଦେଖ ! **'ଶିବପୁରାଣ'** ଅନୁସାରେ ତ୍ରୟୋଦଶୀ, ସୋମବାର ଶିବଙ୍କ ତିଥି-ବାର; **'ସୂର୍ଯ୍ୟପୁରାଣ'**ରେ ବି ରବି ସୂର୍ଯ୍ୟଙ୍କ ବାର; **'ଚନ୍ଦ୍ରଖଣ୍ଡ'**ରେ ସୋମ ଚନ୍ଦ୍ରଙ୍କ ବାର; ଗ୍ରହଙ୍କୁ ମାନିବା ମତାନୁସାରେ ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ, କେତୁ ଗ୍ରହମାନଙ୍କର ବିଭିନ୍ନ ବାର; ବୈଷ୍ଣବଙ୍କ ମତରେ ଏକାଦଶୀ; ବାମନଙ୍କର ଦ୍ୱାଦଶୀ; ନୃସିଂହ ବା ଅନନ୍ତଙ୍କର ଚତୁର୍ଦ୍ଦଶୀ; ପୂର୍ଣ୍ଣମୀ ଚନ୍ଦ୍ରଙ୍କର; ଦଶମୀ ଦିଗପାଳଙ୍କର; ଦୁର୍ଗାଙ୍କର ନବମୀ; ବସୁମାନଙ୍କର ଅଷ୍ଟମୀ; ମୁନିମାନଙ୍କର ସପ୍ତମୀ; ଷଷ୍ଠୀ କାର୍ତ୍ତିକେୟ ସ୍ୱାମୀଙ୍କର; ନାଗଙ୍କର ପଞ୍ଚମୀ; ଗଣେଶଙ୍କର ଚତୁର୍ଥୀ; ଗୌରୀଙ୍କର ତୃତୀୟା; ଅଶ୍ୱିନୀକୁମାରଙ୍କର ଦ୍ୱିତୀୟା; ଆଦ୍ୟାଦେବୀଙ୍କର ପ୍ରତିପଦା ଏବଂ ଅମାବାସ୍ୟା ପିତୃଗଣଙ୍କର । ପୁରାଣ ମତାନୁସାରେ ଏହିସବୁ ବାର-ତିଥିରେ ଉପବାସ କରିବା ବିଧେୟ । ପୁରାଣମାନଙ୍କରେ ପୁଣି ଲେଖାଯାଇଛି ଯେ ଯେଉଁ ବ୍ୟକ୍ତି ଏସବୁ ତିଥି-ବାରରେ ଅନ୍ନ-ଜଳ ଗ୍ରହଣ କରିବ ସେ ନର୍କଗାମୀ ହେବ । ଅତଏବ ପୋପ୍ ଓ ପୋପ୍‌ଙ୍କ ଚେଲାମାନଙ୍କ ପକ୍ଷେ କର୍ତ୍ତବ୍ୟ ହେଲା ଯେ କୌଣସି ବାର କି କୌଣସି ତିଥିରେ ଭୋଜନ କରିବେ ନାହିଁ; କାରଣ ଯଦି ଭୋଜନ କି ଜଳ ପାନ କରିବେ ତେବେ ନର୍କଗାମୀ ହେବେ ।

ବର୍ତ୍ତମାନ **'ନିର୍ଣ୍ଣୟସିନ୍ଧୁ', 'ଧର୍ମସିନ୍ଧୁ', 'ବ୍ରତାର୍କ'** ଆଦି ଗ୍ରନ୍ଥମାନଙ୍କୁ ଦେଖନ୍ତୁ, ଯାହାକି ଅଜ୍ଞାନ-ପ୍ରମାଦୀ ଲୋକମାନେ ରଚନା କରିଛନ୍ତି । ସେମାନେ ଗୋଟିଏ-ଗୋଟିଏ ବ୍ରତର ଏମିତି ଦୁର୍ଦ୍ଦଶା କରିଛନ୍ତି କି, ଯଥା — ଏକାଦଶୀକୁ ଶୈବ ଦଶମୀବିଦ୍ଧା ମାନନ୍ତି ତ ଆଉ କେହି-କେହି ଦ୍ୱାଦଶୀରେ ଏକାଦଶୀ ବ୍ରତ କରନ୍ତି । ଅର୍ଥାତ୍ କି ବିଚିତ୍ର ପୋପ୍‌ଲୀଳା ! ଭୋକରେ ମରିବା ପାଇଁ ମଧ୍ୟ ବାଦ-ବିବାଦ କରୁଛନ୍ତି । ଯିଏ ଏକାଦଶୀ ବ୍ରତ ପ୍ରଚଳନ କରିଛି, ତା' ଭିତରେ ସ୍ୱାର୍ଥଭାବ ହିଁ ପୂରି ରହିଛି ଏବଂ ଦୟା ଆଦୌ ନାହିଁ । କୁହାଯାଇଛି —

**ଏକାଦଶ୍ୟାମନ୍ନେ ପାପାନି ବସନ୍ତି ।** (ପଦ୍ମ. ବ୍ରହ୍ମ. ୧୫:୧୧, ଏକାଦଶୀ ମାହାତ୍ମ୍ୟ)

ଯେତେସବୁ ପାପ ଅଛି, ସେଗୁଡ଼ିକ ଏକାଦଶୀ ଦିନ ଅନ୍ନରେ ଅବସ୍ଥାନ କରନ୍ତି । ଏହି ପୋପ୍ ମହାଶୟଙ୍କୁ ପଚାରିବା ଉଚିତ ଯେ ଏକାଦଶୀ ଦିନ ଅନ୍ନରେ କାହାର ପାପ ରହିଥାଏ ? ତାଙ୍କର ନା ତାଙ୍କ ବାପା-ଜେଜେବାପା ଆଦିଙ୍କର ? ଯଦି ସଂସାରର ସବୁ ପାପ ଏକାଦଶୀ ଦିନ ଅନ୍ନରେ ଯାଇ ରହେ ତେବେ ଏକାଦଶୀ ଦିନ କାହାକୁ କୌଣସି ପ୍ରକାର ଦୁଃଖ-କଷ୍ଟ ନ ମିଳିବା କଥା । କିନ୍ତୁ ଏପରି ତ ହୋଇନଥାଏ; ବରଂ ଓଲଟା କଥା ଦେଖିବାକୁ ମିଳେ ଯେ ଏକାଦଶୀ ଉପବାସ କରୁଥିବା ଲୋକେ କ୍ଷୁଧା-ତୃଷାରେ ଦୁଃଖ ଭୋଗିଥାନ୍ତି । **ଦୁଃଖ ହେଉଛି ପାପର ଫଳ । ଏଣୁ ଏକାଦଶୀ ଉପବାସ କରି ଭୋକରେ ମରିବା ହେଉଛି ପାପ କର୍ମ ।** ଏକାଦଶୀର ବଡ଼ ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି, ଯାହାର କଥା ଶୁଣାଇ ଲୋକଙ୍କୁ ବହୁତ ଠକାଯାଉଛି । ସେଥିରେ ଗୋଟିଏ କଥା ଅଛି —

ବ୍ରହ୍ମଲୋକରେ ଏକ ବେଶ୍ୟା ଥିଲା । ସେ କୌଣସି ଅପରାଧ କଲା । ତାକୁ ଅଭିଶାପ ଦିଆଗଲା — 'ତୁ ମର୍ତ୍ତ୍ୟକୁ ଖସିପଡ଼ ।' ସେ ଅନୁନୟ-ବିନୟ କରି ପଚାରିଲା — 'ମୁଁ ପୁଣି ସ୍ୱର୍ଗକୁ କେମିତି ଫେରିଆସିବି ?' ତାକୁ ଉତ୍ତର ମିଳିଲା — 'ଯଦି କେବେ କେହି ତୋତେ ଏକାଦଶୀ ବ୍ରତର ଫଳ ଦାନ କରିବେ, ସେତେବେଳେ ତୁ ସ୍ୱର୍ଗକୁ ଆସିଯିବୁ ।' ବେଶ୍ୟାଜଣକ ଏକ ବିମାନରେ ସ୍ୱର୍ଗରୁ କୌଣସି ନଗରରେ ଖସି ପଡ଼ିଲା । ସେଠାକାର ରାଜା ତାକୁ ପଚାରିଲେ — 'ତୁ କିଏ ? କୋଉଠୁ ଆସିଲୁ ?' ସେ ରାଜାଙ୍କୁ ସବୁ କଥା ଶୁଣାଇଲା ଓ କହିଲା — 'ଯଦି କେହି ମୋତେ ଏକାଦଶୀ ବ୍ରତର ଫଳ ଅର୍ପଣ କରେ, ତେବେ ମୁଁ ପୁଣି ସ୍ୱର୍ଗକୁ ଯାଇପାରିବି ।'

ରାଜା ରାଜ୍ୟସାରା ଖୋଜାଇଲେ । କିନ୍ତୁ ଏକାଦଶୀ ବ୍ରତ କରିଥିବା ଜଣେ ଲୋକ ବି ମିଳିଲା ନାହିଁ । କିନ୍ତୁ ଦିନକର ଘଟଣା, ଗୋଟିଏ ଶୂଦ୍ର ପରିବାରର ପତି-ପତ୍ନୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ରାଗରେ ସେ ସ୍ତ୍ରୀ ଲୋକଟି ସେ ଦିନ କିଛି ଖାଇଲା ନାହିଁ । ଦୈବ ଯୋଗକୁ ସେ ଦିନ ଏକାଦଶୀ ତିଥି ଥିଲା । ରାଜାଙ୍କ ସିପାହୀମାନେ ଖୋଜି-ଖୋଜି ଯେତେବେଳେ ସେଠାରେ ପହଞ୍ଚିଲେ ସେ ସେମାନଙ୍କୁ କହିଲା — 'ଏକାଦଶୀ ବୋଲି ଜାଣି ତ ସେଦିନ ମୁଁ ଉପବାସ କରିନି, ଆକସ୍ମିକ ଭାବେ ସେଦିନ ଭୋକରେ ରହିଯାଇଥିଲି ।' ସେକଥା ଶୁଣି ସିପାହୀମାନେ ତାକୁ ରାଜାଙ୍କ ନିକଟକୁ ନେଇ ଆସିଲେ । ରାଜା ତାକୁ କହିଲେ — 'ତୁମେ ଏ ବିମାନକୁ ଛୁଅଁ ।' ସେ ସ୍ତ୍ରୀ ଲୋକଟି ବିମାନକୁ ଛୁଇଁବା ମାତ୍ରେ ବେଶ୍ୟା ସହ ବିମାନ ଆକାଶକୁ ଉଡ଼ିଗଲା । ଏହା ତ ହେଲା ବିନା ଜାଣି ଏକାଦଶୀରେ ଉପବାସ ରହିବାର ଫଳ । ଆଉ ଯିଏ ଜାଣି-ବୁଝି ଏକାଦଶୀ କରେ ତା'ର ଫଳର ଆଉ କ'ଣ ସୀମା ଅଛି !!!

ବାଃ ରେ ଆଖି ଥାଇ ବି ଅନ୍ଧ ! ବାସ୍ତବରେ ଯଦି ଏକଥା ସତ, ତେବେ ଆମେ ଗୋଟିଏ ପାନବିଡ଼ା, ଯାହାକି ସ୍ୱର୍ଗରେ ମିଳେ ନାହିଁ, ପଠାଇବାକୁ ଚାହୁଁଛୁ । ଏକାଦଶୀ କରୁଥିବା ସବୁ ଲୋକ ନିଜ-ନିଜ ଏକାଦଶୀର ଫଳ ଦେଇ ଦିଅନ୍ତୁ । ଯଦି ପାନବିଡ଼ାଟି ସ୍ୱର୍ଗକୁ ଚାଲିଯିବ, ତେବେ ଫେରେ ଲକ୍ଷ-ଲକ୍ଷ, କୋଟି-କୋଟି ପାନ ସେଠାକୁ ପଠାଇବା । ପୁଣି ଆମେ ମଧ୍ୟ ଏକାଦଶୀ କରିବୁ । ଆଉ ଯଦି ଏପରି ନ ହୁଏ, ଏକାଦଶୀ କରୁଥିବା ଲୋକଙ୍କ ଫଳ ବଦଳରେ ଏକ ପାନବିଡ଼ା ବି ସ୍ୱର୍ଗକୁ ଯାଇନପାରେ, ତେବେ ତୁମମାନଙ୍କୁ ଏହି ଭୋକରେ ମରିବା ରୂପକ ବିପତ୍ତିରୁ ରକ୍ଷା କରିବୁ ।

ଏହି ଚବିଶଟି ଏକାଦଶୀର ନାମ ଅଲଗା-ଅଲଗା ରଖାଯାଇଛି । କାହାର ନାମ 'ଧନଦା' ତ କାହାର ନାମ 'କାମଦା', ପୁଣି କାହାର ନାମ 'ପୁତ୍ରଦା' ତ ଆଉ କାହାର ନାମ 'ନିର୍ଜଳା' । ବହୁତ ଦରିଦ୍ର, ବହୁତ କାମନାଯୁକ୍ତ, ଏବଂ ଅନେକ ନିଃସନ୍ତାନ ଲୋକ ଏକାଦଶୀ କରି-କରି ବୁଢ଼ା ହୋଇଗଲେଣି ଏବଂ କେତେ ମରି ବି ଗଲେଣି; କିନ୍ତୁ ସେମାନଙ୍କୁ ଧନ ମିଳିଲା ନାହିଁ କି କାମନା ପୂର୍ଣ୍ଣ ହେଲା ନାହିଁ କିମ୍ବା ପୁତ୍ର ପ୍ରାପ୍ତ ହେଲା ନାହିଁ । ତା' ଛଡ଼ା ଜ୍ୟେଷ୍ଠମାସ ଶୁକ୍ଳପକ୍ଷରେ, ଯେଉଁ ସମୟରେ ଘଡ଼ିକ ପାଇଁ ବି ପାଣି ନ ମିଳିଲେ ମନୁଷ୍ୟ ବ୍ୟାକୁଳ ହୋଇପଡ଼େ, ସେତେବେଳେ ଏହି ନିର୍ଜଳା ଏକାଦଶୀ ବ୍ରତ କରୁଥିବା ଲୋକଙ୍କୁ ମହାଦୁଃଖ ମିଳିଥାଏ । ବିଶେଷକରି ବଙ୍ଗ ପ୍ରଦେଶର ସବୁ ବିଧବା ସ୍ତ୍ରୀମାନଙ୍କୁ ଏକାଦଶୀ ଦିନ ବଡ଼ ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼େ । **ଏକାଦଶୀର ଏହି ବିଧାନ କରିଥିବା ନିର୍ଦ୍ଦୟ କଂସେଇ ମନରେ ଏକଥା ଲେଖିବା ବେଳେ ଟିକିଏ ମଧ୍ୟ ଦୟା ଜାତ ହେଲା ନାହିଁ । ନଚେତ୍ ଜ୍ୟେଷ୍ଠ ମାସର 'ନିର୍ଜଳା' ଏକାଦଶୀର ନାମ 'ସଜଳା' ଏବଂ ପୌଷ ମାସର ଏକାଦଶୀର ନାମ 'ନିର୍ଜଳା' ରଖିଥାନ୍ତା ତ କିଛି ହେଲେ ଭଲ ହୋଇଥାନ୍ତା ।** କିନ୍ତୁ ଏ ପାଖଣ୍ଡର ଦୟା ସହ କ'ଣ ସମ୍ପର୍କ ? 'କିଏ ଜୀଉଁ କି ମରୁ, କିନ୍ତୁ ପୋପଙ୍କ ପେଟ ପୂରା ଭରୁ ।' **ଗର୍ଭବତୀ ସ୍ତ୍ରୀ, ସଦ୍ୟବିବାହିତା ନାରୀ, ପିଲାମାନେ ଓ ଯୁବକମାନେ କଦାପି ଉପବାସ କରିବା ଉଚିତ ନୁହେଁ । ଆଉ ଯଦି କେହି କରିବାକୁ ହିଁ ଚାହେଁ ତେବେ ଯେଉଁ ଦିନ ଅଜୀର୍ଣ୍ଣ ହୋଇଥିବ, ଭୋକ ଲାଗୁନଥିବ, ସେଦିନ ସର୍ବତ ବା କ୍ଷୀର ପିଇ ରହିଯିବା ଉଚିତ । ଯେଉଁମାନେ ଭୋକସମୟରେ ନ ଖାଇ ରହନ୍ତି ଓ ବିନା କ୍ଷୁଧାରେ ଭୋଜନ କରନ୍ତି ସେ ଉଭୟ ପ୍ରକାରର ଲୋକ ରୋଗସାଗରରେ ଉବୁଟୁବୁ ହୋଇ ଦୁଃଖ ଭୋଗ କରନ୍ତି ।** ଅତଃ ଏହି ଏକାଦଶୀ ଉପବାସ ପକ୍ଷରେ ଥିବା ଅଜ୍ଞାନ-ପ୍ରମାଦୀମାନଙ୍କ କଥନ-ଲେଖାକୁ କେହି ମଧ୍ୟ ପ୍ରାମାଣିକ ମନେକରିବା ଅନୁଚିତ ।

## ଲୁପ୍ତ ବେଦଶାଖାରେ ମୂର୍ତ୍ତିପୂଜା ବା ତୀର୍ଥ ବିଧାନ କାଳ୍ପନିକ

ବର୍ତ୍ତମାନ **ଗୁରୁଶିଷ୍ୟମନ୍ତ୍ରୋପଦେଶ** ଓ **ମତମତାନ୍ତରର ଚରିତ୍ର** ବିଷୟରେ ଲେଖାଯାଉଛି ।

**ପ୍ରଶ୍ନ —** ମୂର୍ତ୍ତିପୂଜକ ସମ୍ପ୍ରଦାୟୀ ଲୋକେ କହିଥାନ୍ତି ଯେ ବେଦ ଅନନ୍ତ । ଋଗ୍‌ବେଦର ୨୧, ଯଜୁର୍ବେଦର ୧୦୧, ସାମବେଦର ୧୦୦୦ ଓ ଅଥର୍ବବେଦର ୯ ଶାଖା । ଏଥିମଧ୍ୟରୁ ଅଳ୍ପ କେତେକ ଶାଖା ବର୍ତ୍ତମାନ ଉପଲବ୍ଧ ହେଉଛି, ଅନ୍ୟଗୁଡ଼ିକ ଲୋପ ପାଇଯାଇଛି । ସେହି ଲୁପ୍ତ ଶାଖାମାନଙ୍କରେ ହୁଏତ ମୂର୍ତ୍ତିପୂଜା ଓ ତୀର୍ଥ-ମାହାତ୍ମ୍ୟ ସମ୍ପର୍କରେ ପ୍ରମାଣ ଥିବ । ଯଦି ନ ଥାନ୍ତା, ତେବେ ପୁରାଣମାନଙ୍କରେ ଏସବୁ କଥା ଆସନ୍ତା କୋଉଠୁ ? ଯଦି କାର୍ଯ୍ୟକୁ ଦେଖି କାରଣର ଅନୁମାନ ହୁଏ, ତେବେ ପୁରାଣଗୁଡ଼ିକୁ ଦେଖି ବେଦରେ ମୂର୍ତ୍ତିପୂଜା ଥିବା ବିଷୟରେ ଶଙ୍କା କ'ଣ ଅଛି ?

**ଉତ୍ତର —** ଶାଖା ଯେଉଁ ବୃକ୍ଷର ହୋଇଥାଏ, ସେହି ବୃକ୍ଷ ଭଳି ହୋଇଥାଏ, ବୃକ୍ଷର ବିରୁଦ୍ଧ ସ୍ୱଭାବର ହୋଇନଥାଏ । ଶାଖା ଛୋଟ ହେଉ କି ବଡ଼ ହେଉ, ସେଗୁଡ଼ିକ ଭିତରେ ପାରସ୍ପରିକ ବିରୋଧ ନ ଥାଏ । ସେହିପରି ବେଦର ଯେତେ ଶାଖା ବର୍ତ୍ତମାନ ମିଳୁଛି, ଯେହେତୁ ଏଗୁଡ଼ିକରେ କାଷ୍ଠ-ପାଷାଣାଦି ମୂର୍ତ୍ତିର ପୂଜା ଓ ଜଳ-ସ୍ଥଳ ବିଶେଷକୁ ତୀର୍ଥ କୁହାଯିବା ବିଷୟରେ କୌଣସି ପ୍ରମାଣ ମିଳୁନାହିଁ, ତେଣୁ ଏହା ଅସନ୍ଦିଗ୍ଧ ଯେ ସେହି ଲୁପ୍ତ ଶାଖାଗୁଡ଼ିକରେ ମଧ୍ୟ ଏକଥା ନ ଥିଲା । ବର୍ତ୍ତମାନ ମଧ୍ୟ ଚାରିବେଦ ପୂର୍ଣ୍ଣ ରୂପେ ମିଳୁଛି । ଶାଖାଗୁଡ଼ିକ କଦାପି ମୂଳବେଦର ବିରୁଦ୍ଧ ହୋଇନପାରେ । ଆଉ ଯାହା ବେଦବିରୁଦ୍ଧ, ତାକୁ ଶାଖା ବୋଲି କେହି ମଧ୍ୟ ପ୍ରମାଣିତ କରିପାରିବେ ନାହିଁ । ଯେହେତୁ ବାସ୍ତବିକତା ହେଲା ଏଇଆ, ତେଣୁ ପୁରାଣଗୁଡ଼ିକ ବେଦର ଲୁପ୍ତ ଶାଖାମାନଙ୍କର ଅନୁସାରେ ନୁହେଁ, ବରଂ ସମ୍ପ୍ରଦାୟୀ ଲୋକେ ପରସ୍ପର ବିରୋଧରେ ଏସବୁ ଗ୍ରନ୍ଥ ଲେଖି ଦେଇଛନ୍ତି । ବେଦକୁ ତୁମେ ପରମେଶ୍ୱର କୃତ ବୋଲି ମାନୁଛ ନା ମନୁଷ୍ୟକୃତ ?

**ପ୍ରଶ୍ନ —** ପରମେଶ୍ୱରକୃତ ।

**ଉତ୍ତର —** ଯଦି ପରମେଶ୍ୱରକୃତ ବୋଲି ମାନୁଛ, ତେବେ 'ଆଶ୍ୱଳାୟନ' ଆଦି ଋଷି-ମୁନିଙ୍କ ନାମରେ ପ୍ରସିଦ୍ଧ ହୋଇଥିବା ଗ୍ରନ୍ଥଗୁଡ଼ିକୁ ବେଦ ବୋଲି କାହିଁକି ମାନୁଛ ? ଯେପରି ଡାଳ-ପତ୍ରକୁ ଦେଖି ପିପ୍‌ପଳ, ବଟ ଓ ଆମ୍ର ପ୍ରଭୃତି ବୃକ୍ଷକୁ ଜାଣି ହୁଏ, ସେହିପରି ଋଷି-ମୁନିଙ୍କ ଦ୍ୱାରା ରଚିତ ଚାରି ବ୍ରାହ୍ମଣ, ବେଦାଙ୍ଗ, ଉପାଙ୍ଗ ଓ ଉପବେଦ ଆଦି ଦ୍ୱାରା ବେଦାର୍ଥକୁ ଜଣାଯାଇଥାଏ । ଏଇଥିପାଇଁ ଏସବୁ ଗ୍ରନ୍ଥକୁ ଶାଖା ବୋଲି ମାନିନିଆଯାଇଛି । **ଯାହା ବେଦବିରୁଦ୍ଧ ତାକୁ ପ୍ରାମାଣିକ ରୂପେ ଏବଂ ଯାହା ବେଦର ଅନୁକୂଳ ତାକୁ ଅପ୍ରାମାଣିକ ବୋଲି ସ୍ୱୀକାର କରାଯାଇପାରିବ ନାହିଁ ।**

ଲୁପ୍ତ ଶାଖାମାନଙ୍କରେ ମୂର୍ତ୍ତିପୂଜା ପ୍ରଭୃତିର ପ୍ରମାଣ ଥିବାର ତୁମେ ଯଦି କଳ୍ପନା କରିବ, ତେବେ ଯେତେବେଳେ ଅନ୍ୟ କୌଣସି ବ୍ୟକ୍ତି ଏପରି ପକ୍ଷ ରଖିବ ଯେ ଲୁପ୍ତ ଶାଖାମାନଙ୍କରେ ବର୍ଣ୍ଣାଶ୍ରମ ବ୍ୟବସ୍ଥା ମଧ୍ୟ ଓଲଟା ଧରଣର ଥାଇପାରେ ଅର୍ଥାତ୍ ଯାହାକୁ ଏବେ ଅନ୍ତ୍ୟଜ ଓ ଶୂଦ୍ର କୁହାଯାଉଛି ତା'ର ନାମ ବ୍ରାହ୍ମଣାଦି ଏବଂ ଯାହାକୁ ବ୍ରାହ୍ମଣାଦି କୁହାଯାଉଛି ତା'ର ନାମ ଶୂଦ୍ରାଦି ଥିବ; ଅଗମ୍ୟାକୁ ଗମ୍ୟା; ଅକର୍ତ୍ତବ୍ୟକୁ କର୍ତ୍ତବ୍ୟ; ମିଥ୍ୟାଭାଷଣାଦିକୁ ଧର୍ମ, ସତ୍ୟଭାଷଣାଦିକୁ ଅଧର୍ମ ଆଦି ବୋଲି ଲେଖା ହୋଇଥିବ; ସେତେବେଳେ ତୁମେ ତାକୁ ସେହି ଉତ୍ତର ଦେବ ଯାହାକି ଆମେ ଦେଇଛୁ - ଅର୍ଥାତ୍ ବେଦ ଓ ଉପଲବ୍ଧ ଶାଖାମାନଙ୍କରେ ଯେପରି ବ୍ରାହ୍ମଣାଦିଙ୍କ ନାମ ବ୍ରାହ୍ମଣାଦି ଏବଂ ଶୂଦ୍ରାଦିଙ୍କ ନାମ ଶୂଦ୍ରାଦି ଲେଖାଯାଇଛି, ଲୁପ୍ତ ଶାଖାମାନଙ୍କରେ ମଧ୍ୟ ସେହିପରି ହିଁ ଥିବ ବୋଲି ମାନିବା ଉଚିତ । ନଚେତ୍ ବର୍ଣ୍ଣାଶ୍ରମ ବ୍ୟବସ୍ଥା ଆଦି ସବୁ ଅନ୍ୟଥା ବିପର୍ଯ୍ୟୟ ହୋଇଯିବ ।

ଆଚ୍ଛା ବାବା ! ଜୈମିନି, ବ୍ୟାସ ଓ ପତଞ୍ଜଳିଙ୍କ ସମୟ ପର୍ଯ୍ୟନ୍ତ ତ ସବୁ ଶାଖା ବିଦ୍ୟମାନ ଥିଲା ନା ନାହିଁ? ଯଦି ଥିଲା, ତେବେ ତୁମେ କଦାପି ନିଷେଧ କରିପାରିବ ନାହିଁ । ଆଉ ଯଦି କୁହ ଯେ ନ ଥିଲା, ତେବେ ତା' ପୂର୍ବରୁ ଶାଖାଗୁଡ଼ିକ ଥିଲା ବୋଲି ପ୍ରମାଣ କ'ଣ ? ଦେଖ ! ମହର୍ଷି ଜୈମିନି ମୀମାଂସା ଦର୍ଶନରେ ସମସ୍ତ **'କର୍ମକାଣ୍ଡ',** ପତଞ୍ଜଳି ମୁନି ଯୋଗଶାସ୍ତ୍ରରେ ସକଳ **'ଉପାସନାକାଣ୍ଡ'** ଏବଂ ବ୍ୟାସ ମୁନି ଶାରୀରକ-ସୂତ୍ରରେ ସବୁ **'ଜ୍ଞାନକାଣ୍ଡ'** ବେଦାନୁକୂଳ ଲେଖିଛନ୍ତି । ସେସବୁରେ ପାଷାଣାଦି-ମୂର୍ତ୍ତିପୂଜା କି ପ୍ରୟାଗାଦି ତୀର୍ଥର ନାମ ମଧ୍ୟ ଲେଖିନାହାନ୍ତି । କେମିତି ଲେଖିଥାନ୍ତେ ? ବେଦରେ ଥିଲେ ସିନା । ଯଦି ବେଦରେ କୌଣସିଠାରେ ବି ଥାଆନ୍ତା ତେବେ ନ ଲେଖି ରହିନଥାନ୍ତେ । ଅତଏବ ଲୁପ୍ତ ଶାଖାମାନଙ୍କରେ ମଧ୍ୟ ଏସବୁ ମୂର୍ତ୍ତିପୂଜା ପ୍ରଭୃତିର ପ୍ରମାଣ ନଥିଲା ।

ଏସବୁ ଶାଖା ବେଦ ନୁହନ୍ତି । କାରଣ ଏଗୁଡ଼ିକରେ ଈଶ୍ୱରକୃତ ବେଦର ମନ୍ତ୍ରକୁ ପ୍ରତୀକ ଭାବେ ନିଆଯାଇ ସେସବୁର ବ୍ୟାଖ୍ୟା କରାଯାଇଛି ଏବଂ ସଂସାରର ଲୋକମାନଙ୍କର ଇତିହାସାଦି ଲେଖାଯାଇଛି । ବେଦରେ ତ ଏସବୁ କଦାପି ସମ୍ଭବ ନୁହେଁ । ବେଦରେ ତ ମନୁଷ୍ୟମାନଙ୍କୁ କେବଳ ବିଭିନ୍ନ ବିଷୟକ ବିଦ୍ୟାର ଉପଦେଶ ଦିଆଯାଇଛି । ସେଥିରେ କୌଣସି ବ୍ୟକ୍ତିର ନାମମାତ୍ର ସୁଦ୍ଧା ନାହିଁ । ଏଣୁ ଏସବୁକୁ ବେଦ ବୋଲି କଦାପି କୁହାଯାଇପାରିବ ନାହିଁ । ଅତଃ ବେଦରେ ମୂର୍ତ୍ତିପୂଜା ଥିବା କଥା ସର୍ବଥା ଖଣ୍ଡନ ହୋଇଯାଉଛି ।

## ମୂର୍ତ୍ତିପୂଜା ଦ୍ୱାରା ଶ୍ରୀରାମ, ଶ୍ରୀକୃଷ୍ଣ ଆଦିଙ୍କ ନିନ୍ଦା ଓ ଉପହାସ

ଦେଖ ! ମୂର୍ତ୍ତିପୂଜା ଦ୍ୱାରା ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣ, ନାରାୟଣ ଓ ଶିବ ପ୍ରଭୃତିଙ୍କର ବଡ଼ ନିନ୍ଦା ଓ ଉପହାସ ହେଉଛି । ସମସ୍ତେ ଜାଣନ୍ତି ଯେ ସେମାନେ ବଡ଼ ମହାରାଜାଧିରାଜ ଥିଲେ ଏବଂ ସେମାନଙ୍କ ସ୍ତ୍ରୀମାନେ ସୀତା, ରୁକ୍ମିଣୀ, ଲକ୍ଷ୍ମୀ ଓ ପାର୍ବତୀ ଆଦି ମହାରାଣୀ ଥିଲେ । କିନ୍ତୁ ଆଜି ସେମାନଙ୍କ ମୂର୍ତ୍ତିସବୁ ମନ୍ଦିର ଆଦିରେ ରଖି ପୂଜାରୀମାନେ ସେମାନଙ୍କ ନାମରେ ଭିକ ମାଗୁଛନ୍ତି ଅର୍ଥାତ୍ ସେମାନଙ୍କୁ ଭିକାରୀ ବନଉଛନ୍ତି । ଦର୍ଶନାର୍ଥୀଙ୍କୁ କହନ୍ତି — "ଆସନ୍ତୁ ମହାରାଜ ! ରାଜନ୍ ! ଶେଠ-ସାହୁକାର ! ଦର୍ଶନ କରନ୍ତୁ, ବସନ୍ତୁ, ଚରଣାମୃତ ସେବନ କରନ୍ତୁ, କିଛି ଭେଟି ଚଢ଼ାନ୍ତୁ । ମହାରାଜ ! ସୀତରାମ, ରୁକ୍ମିଣୀ-କୃଷ୍ଣ ବା ରାଧାକୃଷ୍ଣ, ଲକ୍ଷ୍ମୀ-ନାରାୟଣ ଓ ଶିବ-ପାର୍ବତୀଙ୍କର ତିନି ଦିନ ହେଲା 'ବାଲଭୋଗ' ବା 'ରାଜଭୋଗ' ଅର୍ଥାତ୍ ଜଳପାନ ବା ଭୋଜନ ମଧ୍ୟ ହୋଇନାହିଁ । ଆଜି ଏମାନଙ୍କ ପାଖରେ କିଛି ବି ନାହିଁ । ହେ ରାଣୀମା ! ସାଆନ୍ତାଣୀ ! ସୀତା, ରାଧା ଆଦି ଠାକୁରାଣୀଙ୍କ ପାଇଁ ନୋଥଟିଏ କି କାନଫୁଲଟିଏ କରିଦିଅ । ଅନ୍ନ ଆଦି କିଛି ଦେଲେ ରାମ-କୃଷ୍ଣାଦିଙ୍କୁ ଭୋଗ ଲଗାଇବୁ । ଏମାନଙ୍କ ବସ୍ତ୍ରସବୁ ଚିରିଯାଇଛି । ମନ୍ଦିରର କାନ୍ଥ ସବୁ ଫାଟିଗଲାଣି, ମନ୍ଦିର ଭାଙ୍ଗିଯିବା ଉପରେ । ଛାତ ଗଳୁଛି । ଠାକୁରଙ୍କର ଯାହା ଥିଲା ଚୋର ନେଇଗଲେ । ମୂଷାମାନେ କିଛି କାଟିକୁଟି ନଷ୍ଟ କରିଦେଲେ । ଏମିତିକି ଯେ ଦିନେ ମୂଷାମାନେ ଏମିତି ଅନର୍ଥ କଲେ ଯେ ଠାକୁର-ଠାକୁରାଣୀଙ୍କ ଆଖି ବି ଖୋଳି ନେଇଗଲେ । ଆମେ ରୁପାର ଆଖି ତିଆରି କରିପାରିନୁ, ଏଣୁ କଉଡ଼ିର ଆଖି ଲଗାଇଦେଇଛୁ ।"

ରାମଲୀଳା ଓ ରାସମଣ୍ଡଳ ବି କରାଉଛନ୍ତି । ସୀତା-ରାମ, ରାଧା-କୃଷ୍ଣ ନାଚୁଛନ୍ତି ଏବଂ ରାଜା ଓ ମହନ୍ତ ଆଦି ସେମାନଙ୍କ ସେବକମାନେ ଆନନ୍ଦରେ ବସିଛନ୍ତି ଓ ଦେଖୁଛନ୍ତି । ମନ୍ଦିରରେ ସୀତା-ରାମାଦି ଠିଆ ହୋଇଥାନ୍ତି ଏବଂ ପୂଜାରୀ-ମହନ୍ତ ଆଦି ଆସନ କିମ୍ୱା ଗଦି-ତକିଆ ପକେଇ ବସିଥାନ୍ତି । ଭୟଙ୍କର ଗରମରେ ମଧ୍ୟ ଠାକୁରମାନଙ୍କୁ ମନ୍ଦିର ଭିତରେ ବନ୍ଦ କରି କବାଟ କିଳି ତାଲା ପକାଇ ଦିଅନ୍ତି ଏବଂ ଏଣେ ନିଜେ ବାହାରେ ଖୋଲା ପବନରେ ପଲଙ୍କ

ପକାଇ ଶୁଅନ୍ତି । ବହୁତ ପୂଜାରୀ ନିଜର ନାରାୟଣଙ୍କୁ ଡବା ଭିତରେ ବନ୍ଦ କରି ଢାଙ୍କୁଣୀ ଦେଇ ତା'ଉପରେ କନା ଆଦି ବାନ୍ଧି ତାକୁ ବେକରେ ଓହଳାଇ ଦେଇଥାନ୍ତି । ଯେମିତି ବାନରୀ ନିଜ ଛୁଆକୁ ପେଟ ତଳେ ଝୁଲାଇ ଦେଇଥାଏ, ସେମିତି ପୂଜାରୀମାନେ ନାରାୟଣଙ୍କୁ ବେକରେ ଝୁଲାଇ ଦେଇଥାନ୍ତି । ଯେତେବେଳେ କେହି ଏମାନଙ୍କ ଠାକୁର ମୂର୍ତ୍ତିକୁ ଭାଙ୍ଗିଦିଏ ସେତେବେଳେ 'ହାୟ-ହାୟ' କରି ଛାତି-ପିଟି ବିକଳରେ ବୋବାଳି ଛାଡ଼ିଥାନ୍ତି କି 'ମୋ ସୀତାରାମ, ରାଧାକୃଷ୍ଣ, ଶିବପାର୍ବତୀଙ୍କୁ ଦୁଷ୍ଟମାନେ ଭାଙ୍ଗିଦେଲେ! ଏବେ ଭଲ ଶିଳ୍ପୀ ତିଆରି କରିଥିବା ଶଙ୍ଖମର୍ମରର ଅନ୍ୟ ମୂର୍ତ୍ତି ମଗାଇ ସ୍ଥାପନ କରି ପୂଜା କରିବାକୁ ହେବ । ବିନା ଘିଅରେ ନାରାୟଣଙ୍କ ଭୋଗ ଲାଗେ ନାହିଁ । ବେଶି ନ ହେଲେ ଅଳ୍ପ ହେଲେ ଘିଅ ଅବଶ୍ୟ ପଠାଇଦେବ' ଇତ୍ୟାଦି କଥା ଏମାନଙ୍କ ଉପରେ ଲଗାନ୍ତି । ପୁଣି ରାସମଣ୍ଡଳ ବା ରାମଲୀଳାର ଶେଷରେ ସୀତା-ରାମ ବା ରାଧା-କୃଷ୍ଣଙ୍କ ଦ୍ୱାରା ଭିକ ମଗାଇଥାନ୍ତି । ଯେଉଁଠି ମେଳା-ମଉଛବ ହେଉଥାଏ, ସେଠାରେ ଗୋଟିଏ ପିଲା ମୁଣ୍ଡରେ ମୁକୁଟଟିଏ ବାନ୍ଧି ତାକୁ କୃଷ୍ଣ ବେଶରେ ସଜାଇ ରାସ୍ତାକଡ଼ରେ ବସାଇ ବା ବୁଲାଇ-ବୁଲାଇ ଭିକ ମଗାଇଥାନ୍ତି । ଇତ୍ୟାଦି କଥାକୁ ଆପଣମାନେ ବିଚାର କରନ୍ତୁ କି ଏସବୁ କେତେ ବଡ଼ ଦୁଃଖ ଓ ପରିତାପର ବିଷୟ! **ଆଚ୍ଛା, କହନ୍ତୁ ଦେଖି, ସୀତାରାମାଦି କ'ଣ ଏପରି ଦରିଦ୍ର ଓ ଭିକ୍ଷୁକ ଥିଲେ? ଏସବୁ ସେମାନଙ୍କର ଉପହାସ ଓ ନିନ୍ଦା ନୁହେଁ ତ ଆଉ କ'ଣ? ଏସବୁ କାର୍ଯ୍ୟକଳାପ ଦ୍ୱାରା ଆମର ପୂଜ୍ୟ, ସମ୍ମାନନୀୟ ବ୍ୟକ୍ତିମାନଙ୍କର ବଡ଼ ନିନ୍ଦା-ଅପମାନ ହେଉଛି ।**

ଯେଉଁ ସମୟରେ ରାମ-କୃଷ୍ଣ, ସୀତା, ରୁକ୍ମିଣୀ, ଲକ୍ଷ୍ମୀ, ପାର୍ବତୀ ପ୍ରଭୃତି ଜୀବିତ ଥିଲେ ସେ ସମୟରେ ଏମାନଙ୍କୁ ରାସ୍ତାରେ ବା କୌଣସି ଘରେ ଠିଆ କରି ପୂଜାରୀମାନେ ଯଦି ଲୋକଙ୍କୁ କହିଥାନ୍ତେ — 'ଆସ, ଏମାନଙ୍କୁ ଦର୍ଶନ କର, କିଛି ଭୋଗରାଗ ଦିଅ, ଭେଟି-ଉପହାର ଚଢ଼ାଅ', ତେବେ ସୀତା-ରାମ ଆଦି ଏ ମୂର୍ଖମାନଙ୍କ କଥାନୁସାରେ ଏପରି କାମ କେବେ ବି କରି ନ ଥାନ୍ତେ କି ସେମାନଙ୍କୁ ଠିଆ କରାଇ ଏପରି ଭିକ ମାଗିବା ଧନ୍ଦା କରିବାକୁ ଏ ଧୂର୍ତ୍ତମାନଙ୍କୁ ଅବସର ହିଁ ଦେଇନଥାନ୍ତେ । ସେମାନଙ୍କୁ ନେଇ ଯଦି କେହି ଏପରି ଉପହାସର ଉପକ୍ରମ କରିଥାନ୍ତା, ତାକୁ ଦଣ୍ଡ ନ ଦେଇ କେବେ ଛାଡ଼ି ନ ଥାନ୍ତେ । **ହଁ, ଆଜି ଯେତେବେଳେ ସେମାନଙ୍କଠାରୁ ଏ ପୂଜାରୀମାନେ ଦଣ୍ଡ ପାଇଲେ ନାହିଁ, ତ ଏମାନଙ୍କ କର୍ମ ଏମାନଙ୍କୁ ବହୁତ ମୂର୍ତ୍ତିବିରୋଧୀଙ୍କଠାରୁ ଉତ୍ତମ-ମଧ୍ୟମ, ଲୁଣ୍ଠନ-ଲାଞ୍ଛନ ରୂପକ ପ୍ରସାଦ ପ୍ରାପ୍ତ କରାଇ ଦେଲା ଏବଂ ବର୍ତ୍ତମାନ ମଧ୍ୟ ଏ ପ୍ରସାଦ ମିଳିଚାଲିଛି ତଥା ଯେତେଦିନ ଯାଏ ଏମାନେ ଏହି ଦୁଷ୍କର୍ମ ଛାଡ଼ିନାହାନ୍ତି ସେତେଦିନ ପର୍ଯ୍ୟନ୍ତ ଏହା ନିଶ୍ଚିତ ମିଳିଚାଲିଥିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆର୍ଯ୍ୟାବର୍ତ୍ତର ପ୍ରତିଦିନ ଯେଉଁ ମହାନ୍ ହାନି, ପାଷାଣାଦି ମୂର୍ତ୍ତିପୂଜକଙ୍କ ପରାଜୟ ହେଉଛି ତାହା ଏସବୁ କର୍ମ ଯୋଗୁଁ ହିଁ ହେଉଛି । କରଣ ପାପର ଫଳ ହେଲା ଦୁଃଖ । ଏହି ପାଷାଣାଦି-ମୂର୍ତ୍ତି ଉପରେ ବିଶ୍ୱାସ କରି ଆର୍ଯ୍ୟାବର୍ତ୍ତର ମହତୀ ହାନି ହୋଇସାରିଲାଣି । ଯଦି ବର୍ତ୍ତମାନ ବି ଏହାକୁ ପରିତ୍ୟାଗ ନ କରାଯାଏ ତେବେ ଦିନକୁ ଦିନ ଅଧିକରୁ ଅଧିକ ବିନାଶ ହୋଇଚାଲିବ ।**

## ମାରଣ-ମୋହନ-ଉଚ୍ଚାଟନ-ବାମମାର୍ଗ ସମୀକ୍ଷା

ଏହି ମୂର୍ତ୍ତିପୂଜକମାନଙ୍କ ମଧ୍ୟରୁ **ବାମମାର୍ଗୀମାନେ** ହେଉଛନ୍ତି ଅଧିକ ଅପରାଧୀ । ସେମାନେ ଚେଲା କରିବା ବେଳେ ସାଧାରଣ ଲୋକଙ୍କୁ ନିମ୍ନ ମନ୍ତ୍ରର ଉପଦେଶ ଦିଅନ୍ତି —

**ଦଂ ଦୁର୍ଗାୟୈ ନମଃ । ଭଂ ଭୈରବାୟ ନମଃ । ଐଂ ହ୍ରୀଂ କ୍ଲୀଂ ଚାମୁଣ୍ଡାୟୈ ବିଚ୍ଚେ ॥**

ବଙ୍ଗ ପ୍ରଦେଶରେ ବିଶେଷ ରୂପେ ଏକାକ୍ଷରୀ ମନ୍ତ୍ରୋପଦେଶ କରାଯାଏ । ଯଥା —

**ହ୍ରୀଂ, ଶ୍ରୀଂ, କ୍ଲୀଂ ।** ଇତ୍ୟାଦି । (ଉଦ୍ଧୃ-ଶ୍ରୀକଣ୍ଠଶିବପଣ୍ଡିତରଚିତ ଶାବରତନ୍ତ୍ର. ବଂ. ପ୍ରକା. ପ୍ର. ୪୪)

ଆଉ ଧନାଢ୍ୟ ବ୍ୟକ୍ତିଙ୍କୁ ପୂର୍ଣ୍ଣାଭିଷେକ କରନ୍ତି । ସେହିପରି ଦଶମହାବିଦ୍ୟାର ମନ୍ତ୍ର ହେଲା —

**ହ୍ରାଂ ହ୍ରୀଂ ହ୍ରୂଂ ବଗଳାମୁଖ୍ୟୈ ଫଟ୍ ସ୍ୱାହା ।** (ଶାବରତନ୍ତ୍ର. ପ୍ର.୪୧)

କେଉଁଠି-କେଉଁଠି ପୁଣି — **ହ୍ରୂଂ ଫଟ୍ ସ୍ୱାହା ।** (କାମରତ୍ନତନ୍ତ୍ର, ବୀଜମନ୍ତ୍ର ୪)

ତା'ଛଡ଼ା ମାରଣ, ମୋହନ, ଉଚ୍ଚାଟନ, ବିଦ୍ୱେଷଣ, ବଶୀକରଣ, ଶାନ୍ତି ଇତ୍ୟାଦି ପ୍ରୟୋଗ କରନ୍ତି । ବାସ୍ତବରେ ଏସବୁ ମନ୍ତ୍ର ଦ୍ୱାରା ତ କିଛି ବି ହୁଏ ନାହିଁ; ଏମାନେ ଯାହା କରନ୍ତି ପ୍ରକୃତ କ୍ରିୟା ଦ୍ୱାରା ସବୁ କରନ୍ତି । ଯେତେବେଳେ କାହାକୁ ମାରିବା ପାଇଁ ତନ୍ତ୍ର ପ୍ରୟୋଗ କରନ୍ତି ସେତେବେଳେ ତାଙ୍କ ଦ୍ୱାରା ଏ କାମ କରାଉଥିବା ଲୋକଠାରୁ ଆଗ ଧନ ନେଇଯାଆନ୍ତି । ଯାହାକୁ ମାରିବାକୁ ଥାଏ ଅଟା ବା ମାଟିରେ ତା'ର ପ୍ରତିମୂର୍ତ୍ତି ତିଆରି କରନ୍ତି । ସେହି ପିତୁଳାର ଛାତି, ନାଭି, କଣ୍ଠରେ ଛୁରୀ ଭୁଷି ଦିଅନ୍ତି; ଆଖି, ହାତ, ପାଦରେ କିଳା ପିଟି ଦିଅନ୍ତି । ଭୈରବ ବା ଦୁର୍ଗା ମୂର୍ତ୍ତି ତିଆରି କରି ତା' ହାତରେ ତ୍ରିଶୂଳ ଦେଇ ଉକ୍ତ ପିତୁଳା ଉପରେ ରଖନ୍ତି ଓ ପିତୁଳାର ହୃଦୟରେ ସେ ତ୍ରିଶୂଳ ଛୁଆନ୍ତି । ଗୋଟିଏ ବେଦୀ ତିଆରି କରି ତହିଁରେ ମାଂସ ଆଦି ହୋମ କରନ୍ତି । ଏପଟେ ଏପରି କ୍ରିୟାକଳାପ କରିଚାଲିବା ସାଙ୍ଗକୁ ସେପଟେ ଦୂତ ଆଦି ପଠେଇ ଯେଉଁ ବ୍ୟକ୍ତିକୁ ମାରିବାର ଥାଏ ତାକୁ ବିଷ ଆଦି ଦ୍ୱାରା ମାରିବାର ଉପାୟ କରନ୍ତି । ଯଦି ଏପଟେ ନିଜର ପୁରଶ୍ଚରଣ ଚାଲିଥିବା ସମୟ ଭିତରେ ସେପଟେ ତାକୁ ମାରିବାରେ ସଫଳ ହୋଇଯାନ୍ତି ତେବେ ନିଜକୁ ଭୈରବ-ଦେବୀଙ୍କ ସିଦ୍ଧ ବୋଲି ପ୍ରଚାର କରନ୍ତି । **'ଭୈରବୋ ଭୁତନାଥଶ୍ଚ'** ଇତ୍ୟାଦି ପାଠ କରନ୍ତି ।

**ମାରୟ-ମାରୟ, ଉଚ୍ଚାଟୟ-ଉଚ୍ଚାଟୟ, ବିଦ୍ୱେଷୟ-ବିଦ୍ୱେଷୟ, ଛିନ୍ଧି-ଛିନ୍ଧି, ଭିନ୍ଧି-ଭିନ୍ଧି, ବଶୀକୁରୁ-ବଶୀକୁରୁ, ଖାଦୟ-ଖାଦୟ, ଭକ୍ଷୟ-ଭକ୍ଷୟ, ତ୍ରୋଟୟ-ତ୍ରୋଟୟ, ନାଶୟ-ନାଶୟ, ମମ ଶତ୍ରୂନ୍ ବଶୀକୁରୁ, ମମ ଶତ୍ରୂନ୍ ବଶୀକୁରୁ, ହ୍ରୂଂ ଫଟ୍ ସ୍ୱାହା ।**

(ଉଦ୍ଧୃ-କାମରତ୍ନତନ୍ତ୍ର, ଉଚ୍ଚାଟନ ପ୍ରକରଣ, ୫-୭)

ଇତ୍ୟାଦି ମନ୍ତ୍ର ଜପ କରନ୍ତି, ମଦ ଓ ଭାଙ୍ଗ ଖୁବ୍ ପିଅନ୍ତି, ମାଂସାଦି ପ୍ରଚୁର ଖାଆନ୍ତି, ଭ୍ରୂକୁଟୀ ମଧ୍ୟରେ ସିନ୍ଦୁରର ରେଖା କାଟନ୍ତି, କେବେ-କେବେ କାଳୀ ଆଦିଙ୍କ ପାଇଁ କୌଣସି ଲୋକକୁ ଧରି ତାକୁ ମାରି ହୋମ କରି ତା'ର ମାଂସ ବି କିଛି-କିଛି ଖାଇଯାନ୍ତି । କୌଣସି ଲୋକ ଯଦି ଭୈରବୀଚକ୍ରକୁ ଯାଇ ମଦ ନ ପିଏ, ମାଂସ ନ ଖାଏ ତେବେ ତାକୁ ମାରି ତା' ମାଂସରେ ହୋମ କରିଦିଅନ୍ତି । ସେମାନଙ୍କ ମଧ୍ୟରେ ଯିଏ **'ଅଘୋରୀ'** ହୋଇଥାଏ, ସିଏ ମଲା ମଣିଷର ମାଂସ ବି ଖାଏ । **'ଅଜରୀ-ବଜରୀ'** କରୁଥିବା ଲୋକେ ମଳ-ମୂତ୍ର ମଧ୍ୟ ଖାଆନ୍ତି-ପିଅନ୍ତି ।

ବାମମାର୍ଗୀଙ୍କ ମଧ୍ୟରେ ଦଳେ **'ଚୋଲୀମାର୍ଗୀ'** ଓ **'ବୀଜମାର୍ଗୀ'** ଲୋକେ ମଧ୍ୟ ସଂସାରରେ ଅଛନ୍ତି । ଚୋଲୀମାର୍ଗୀମାନେ ସେମାନଙ୍କ କାର୍ଯ୍ୟ ପାଇଁ କୌଣସି ଗୁପ୍ତ ସ୍ଥାନ ରଖିଥାନ୍ତି କିମ୍ବା ଭୂ-ତଳରେ ଏକ ସ୍ଥାନ ନିର୍ମାଣ କରନ୍ତି । ସେଠାରେ ସେହି ଅନୁଗାମୀଙ୍କ ସମସ୍ତ ସ୍ତ୍ରୀ, ପୁରୁଷ, ପୁଅ, ଝିଅ, ମାଆ, ଭଉଣୀ, ବୋହୂ ଆଦି ଏକାଠି ହୋଇ ସମସ୍ତେ ମିଳିମିଶି ମଦ ପିଅନ୍ତି, ମାଂସ ଖାଆନ୍ତି । ଜଣେ ମହିଳାକୁ ଉଲଗ୍ନ କରି ତା'ର ଗୁପ୍ତେନ୍ଦ୍ରିୟକୁ ସବୁ ପୁରୁଷ ପୂଜା କରନ୍ତି । ତା'ର ନାମ ରଖନ୍ତି 'ଦୁର୍ଗା' । ସେହିପରି ଜଣେ ପୁରୁଷକୁ ଲଙ୍ଗଳା କରି ତା'ର ଉପସ୍ଥ ଇନ୍ଦ୍ରିୟକୁ ସବୁ ସ୍ତ୍ରୀମାନେ

**ଅବଶିଷ୍ଟାଂଶ ପୃଷ୍ଠା-୯ରେ...**

ଆତ୍ମୀୟ ନିବେଦନ:

# ବେଦଧାମ ସଂକଳ୍ପନା

ମନୁଷ୍ୟ ଜୀବନର ଉଦ୍ଦେଶ୍ୟ ଅଭ୍ୟୁଦୟ ଓ ନିଃଶ୍ରେୟସର ପ୍ରାପ୍ତି। ଏଥିପାଇଁ ପରମକାରୁଣିକ ପରମପିତା ପରମାତ୍ମାଙ୍କ ପ୍ରଦତ୍ତ ବେଦପଥ ହିଁ ଏକମାତ୍ର ଓ ସର୍ବଶ୍ରେଷ୍ଠ ଅବଲମ୍ବନ। ଅତଃ ଜୀବନରେ ଶାଶ୍ୱତ ସୁଖ-ଶାନ୍ତି- ଆନନ୍ଦର ଉପଲବ୍ଧି ନିମନ୍ତେ ଅମୃତର ସନ୍ତାନ ପ୍ରତ୍ୟକ ମଣିଷର ଆନ୍ତରିକ ଅଭିଳାଷ କ'ଣ ହେବା ଉଚିତ ସେ କଥା ବେଦବାଣୀରେ ଅଭିବ୍ୟକ୍ତ ହୋଇଛି— **'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ. ୧:୧:୪)— ହେ ପ୍ରଭୋ ! ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ। ଏହି ବୈଦିକ ସନ୍ଦେଶ-ନିର୍ଦ୍ଦେଶର ପରିପାଳନ ସକଶେ ବୈଦିକ ବିଚାରକୁ ସରଳ ଭାବେ ଓଡ଼ିଶାର ଘରେ-ଘରେ, ପୁରେ-ପୁରେ ପହଞ୍ଚାଇବା ଉଦ୍ଦେଶ୍ୟରେ ୨୦୦୪ରେ ଶ୍ରୁତିନ୍ୟାସ ଗଠନ କରାଗଲା। ସେଥି ନିମନ୍ତେ ପ୍ରଥମେ ପ୍ରବଚନ କାର୍ଯ୍ୟ ସାଙ୍ଗକୁ ଛୋଟ-ଛୋଟ ପୁସ୍ତକ ପ୍ରକାଶନ ଦିଗରେ ଧ୍ୟାନ କେନ୍ଦ୍ରିତ କରାଗଲା। ଇତିମଧ୍ୟରେ ଶ୍ରୁତିନ୍ୟାସର ପ୍ରକାଶନ ବିଭାଗ **'ବୈଦିକ ପ୍ରକାଶନ'** ପକ୍ଷରୁ ଅନେକ ପୁସ୍ତକ ପ୍ରକାଶିତ ହୋଇ ଜନସାଧାରଣଙ୍କ ମଧ୍ୟରେ ଆଦୃତି, ପାଠକୀୟ-ସ୍ୱୀକୃତି ଲାଭ କରିପାରିଛି। ତେଣୁ ଅଳ୍ପ କାଳ ମଧ୍ୟରେ **'ବୈଦିକ ପ୍ରକାଶନ'** ପକ୍ଷରୁ ପ୍ରକାଶିତ ପୁସ୍ତକର ଯେତେ ଅଧିକ ସଂସ୍କରଣ ବାହାରିଛି ଓ ଯେତେ ଅଧିକ ସଂଖ୍ୟକ ପୁସ୍ତକ ପ୍ରକାଶିତ ହୋଇଛି ସମ୍ଭବତଃ ଓଡ଼ିଶାର ଅନ୍ୟ କୌଣସି ବୈଦିକ ପୁସ୍ତକ ପ୍ରକାଶନୀ ସଂସ୍ଥା ପକ୍ଷରୁ ସେଭଳି ହୋଇପାରିନାହିଁ। ଓଡ଼ିଶାର ବେଦପ୍ରେମୀ ଜନତା ନୂତନ ପୁସ୍ତକ ପାଇଁ ନିରନ୍ତର ପ୍ରେରଣା ଓ ସହଯୋଗ ପ୍ରଦାନ କରିଆସୁଛନ୍ତି। ବେଦପ୍ରେମୀଙ୍କ ଆଗ୍ରହ ଓ ସହଯୋଗର ଫଳସ୍ୱରୂପ ସତ୍ୟାର୍ଥପ୍ରକାଶର ପୂର୍ବାର୍ଦ୍ଧ ବୈଦିକ ପ୍ରକାଶନ ପକ୍ଷରୁ ପ୍ରକାଶିତ ହୋଇ ଏକ ବର୍ଷ ମଧ୍ୟରେ ସମାପ୍ତ ସ୍ଥିତିରେ ପହଞ୍ଚି ଯାଇଛି।

ଓଡ଼ିଶାରେ ଆର୍ଯ୍ୟସମାଜର ଦୀର୍ଘ ବର୍ଷର ପ୍ରଚାର ମଧ୍ୟରେ ବେଦପ୍ରେମୀମାନେ ଏକ ସର୍ବାଙ୍ଗସୁନ୍ଦର ବୈଦିକ ପତ୍ରିକାର ଅଭାବ ଅନୁଭବ କରୁଥିଲେ। ଶୁଭେଚ୍ଛୁଙ୍କ ଅନୁରୋଧକ୍ରମେ ଶ୍ରୁତିନ୍ୟାସ ପକ୍ଷରୁ ଏହି କାର୍ଯ୍ୟ ହାତକୁ ନିଆଯାଇ **'ଶ୍ରୁତିସୌରଭ'**ର ପ୍ରକାଶନ ଆରମ୍ଭ କରାଗଲା। ଆମ ପାଇଁ ଗୌରବର ବିଷୟ ଯେ ଶ୍ରୁତିନ୍ୟାସର ସହଯୋଗୀ, ଶୁଭେଚ୍ଛୁ, ପ୍ରଶଂସକଙ୍କ ସାମୂହିକ ଉଦ୍ୟମ ଫଳରେ ମାତ୍ର ୩ ବର୍ଷ ମଧ୍ୟରେ ଏହି ପତ୍ରିକା ଆର୍ଯ୍ୟଜଗତରେ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ପ୍ରକାଶିତ ହେଉଥିବା ପତ୍ରିକା ମଧ୍ୟରେ ସଂଖ୍ୟାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ଅଗ୍ରିମ ପଂକ୍ତିରେ ରହିପାରିଛି।

ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ ଆର୍ଯ୍ୟସମାଜଗୁଡ଼ିକ ପକ୍ଷରୁ ବାର୍ଷିକୋତ୍ସବର ପରମ୍ପରା ଉପରେ ମୁଖ୍ୟତଃ ଗୁରୁତ୍ୱାରୋପ କରାଯାଉଥିଲା। ଶ୍ରୁତିନ୍ୟାସ ପକ୍ଷରୁ ବିକଳ୍ପ ପ୍ରୟୋଗ ରୂପେ ୨୦୦୯ରୁ **'ଜୀବନ ନିର୍ମାଣ ଶିବିର'** ଆରମ୍ଭ କରାଗଲା। ଏହି ଶିବିରର ଉପଯୋଗିତା ଅନୁଭୂତ ହେବାରୁ ଏହା ଜନ ଆଦୃତି ଲାଭ କଲା। ଏହାର ସୁଖଦ ପରିଣାମସ୍ୱରୂପ ଏହି ଭଳି ଶିବିର ଓଡ଼ିଶାର ଆର୍ଯ୍ୟଜଗତରେ ଅନେକତ୍ର ବର୍ତ୍ତମାନ ଆୟୋଜିତ ହେଉଛି। ଏ ସବୁ ସତ୍ତ୍ୱେ ନ୍ୟାସ ପକ୍ଷରୁ ଆୟୋଜିତ ଶିବିରରେ କ୍ରମାଗତ ଭାବରେ ଶିବିରାର୍ଥୀଙ୍କ ସଂଖ୍ୟା ବଢ଼ିଚାଲିଛି। ଶିବିରର ଉପାଦେୟତାକୁ ଅନୁଭବ କରି ବିବିଧ ବର୍ଗର ଲୋକଙ୍କ ସକାଶେ ଭିନ୍ନ-ଭିନ୍ନ ଶିବିର ବର୍ଷର ଭିନ୍ନ-ଭିନ୍ନ ସମୟରେ ଆୟୋଜନ କରିବା ପାଇଁ ବେଦପ୍ରେମୀ ବନ୍ଧୁମାନେ ଦାବି କରୁଛନ୍ତି। ଶ୍ରୁତିନ୍ୟାସର ନିଜସ୍ୱ ଆଶ୍ରମ, କେନ୍ଦ୍ର ନଥିବାରୁ ଶିବିରାଦିର ଆୟୋଜନ ନିମନ୍ତେ ଶିବିର

ଯୋଗ୍ୟ ସ୍ଥାନ ରୂପେ ଉତ୍ତମ ଆବାସିକ ବ୍ୟବସ୍ଥା ଥିବା ବିଦ୍ୟାଳୟ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ତେଣୁ କେବଳ ବିଦ୍ୟାଳୟର ଅବକାଶ ଓ ସେମାନଙ୍କ ନିଜସ୍ୱ କାର୍ଯ୍ୟକ୍ରମ ନ ଥିବା ଅବସରରେ ହିଁ ଶିବିର ଆୟୋଜନ ସମ୍ଭବ ହୋଇପାରୁଛି। ଏ ସମସ୍ୟାର ସମାଧାନ ପାଇଁ ଶ୍ରୁତିନ୍ୟାସର ନିଜସ୍ୱ ଆଶ୍ରମ ନିର୍ମାଣ ପାଇଁ ବେଦପ୍ରେମୀ ଜନତା ଦୀର୍ଘ ବର୍ଷରୁ ଦାବି କରିଆସୁଛନ୍ତି।

ଦୂରଦର୍ଶନ ମାଧ୍ୟମରେ ବୈଦିକ ବିଚାରର ପ୍ରଚାର ଦ୍ୱାରା ସମାଜରେ ସୁଦୂରପ୍ରସାରୀ ଉତ୍ତମ ପ୍ରଭାବ ପଡ଼ିବ ବୋଲି ଅନୁଭବ କରାଯାଇ ଶ୍ରୁତିନ୍ୟାସ ପକ୍ଷରୁ ପ୍ରାର୍ଥନା ଚ୍ୟାନେଲ ସହ ଯୋଗାଯୋଗ କରାଯାଇ ୨୦୧୨ରେ **'ମନୁଷ୍ୟ ଦେହେ ଦିବ୍ୟଜ୍ଞାନ'** ନାମକ ବୈଦିକ ସିଦ୍ଧାନ୍ତ ସମ୍ବଳିତ କାର୍ଯ୍ୟକ୍ରମ ନିୟମିତ ରୂପେ ପ୍ରସାରିତ କରାଗଲା। ଏହା ଦର୍ଶକଙ୍କ ଦ୍ୱାରା ଆଦୃତ ହେଲା। ତା'ର ସୁଖଦ ପରିଣାମ ସ୍ୱରୂପ କିଛି ମାସ ପରେ ୨୦୧୨ରେ ହିଁ ପ୍ରାର୍ଥନା ଚ୍ୟାନେଲ୍ ପକ୍ଷରୁ **'ସର୍ବେ ଭବନ୍ତୁ ସୁଖିନଃ'** କାର୍ଯ୍ୟକ୍ରମ ଆତ୍ମପ୍ରକାଶ କଲା ଓ ବର୍ତ୍ତମାନ ତାହା ନିୟମିତ ରୂପେ ଓ.ଟି.ଭି. ଦ୍ୱାରା ପରିବେଷିତ ହେଉଛି। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭ ସମୟରୁ ହିଁ ଆମେ ବୈଦିକ ସିଦ୍ଧାନ୍ତର ବାର୍ତ୍ତା ପରିବେଷଣ କରିଆସୁଛୁ। ଏହି କାର୍ଯ୍ୟକ୍ରମରେ ଆମର ବୈଦିକ ସିଦ୍ଧାନ୍ତ ସମ୍ବଳିତ ଚର୍ଚ୍ଚା ପ୍ରଭାବରେ ଓଡ଼ିଶାର ଘରେ-ଘରେ ବେଦ ଓ ବୈଦିକ ସିଦ୍ଧାନ୍ତ ପ୍ରତି ଅଭୂତପୂର୍ବ ଆଗ୍ରହ ପରିଲକ୍ଷିତ ହେଉଛି। ବୈଦିକ ସିଦ୍ଧାନ୍ତର ବିନ୍ଦୁ-ବିସର୍ଗ ଜାଣିନଥିବା ବହୁ ବ୍ୟକ୍ତି ବର୍ତ୍ତମାନ ନ୍ୟାସର ବ୍ୟବସ୍ଥା, ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଞ୍ଚାଳିତ ଆଶ୍ରମ ଆଦିରେ କିଛି-କିଛି ଦିନ ଅବସ୍ଥାନ କରି ବେଦ ବିଷୟକ ପ୍ରଶିକ୍ଷଣ ପ୍ରାପ୍ତ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଶ୍ରୁତିନ୍ୟାସ ପକ୍ଷରୁ କରାଯାଉଥିବା ଏଭଳି ବିବିଧ ସୃଜନାତ୍ମକ କାର୍ଯ୍ୟ ଦ୍ୱାରା ନ୍ୟାସ ଆର୍ଯ୍ୟଜଗତର ଆଶା-ବିଶ୍ୱାସ-ଭରସାର କେନ୍ଦ୍ର ପାଲଟିଯାଇଛି।

ଗୃହସ୍ଥଜୀବନ ପରେ ନିୟମିତ ସ୍ୱାଧ୍ୟାୟ-ସାଧନା-ସେବାରେ ସଂଲଗ୍ନ ରହି ତପସ୍ୟାମୟ ବାନପ୍ରସ୍ଥ ଜୀବନ ବ୍ୟତୀତ କରିବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କ ପାଇଁ ସମୁଚିତ ବ୍ୟବସ୍ଥାଯୁକ୍ତ ଆଶ୍ରମ ଓଡ଼ିଶାରେ ଉପଲବ୍ଧ ନ ଥିବା କଥା ବହୁ ବେଦପ୍ରେମୀ ବାରମ୍ବାର ଆମକୁ କହିଆସୁଛନ୍ତି ତଥା ଏ କ୍ଷେତ୍ରରେ ଶ୍ରୁତିନ୍ୟାସ କିଛି ସୁଚିନ୍ତିତ କାର୍ଯ୍ୟଯୋଜନା ହାତକୁ ନେବା ପାଇଁ ବାରମ୍ବାର ଅନୁରୋଧ କରିଆସୁଛନ୍ତି। ତା' ସାଙ୍ଗକୁ ଏଭଳି ବ୍ୟକ୍ତିମାନଙ୍କର କହିବା କଥା ହେଲା ଯେ ପରିଣତ ବୟସର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଆଶ୍ରମ ସେଭଳି ସୁବିଧାଯୁକ୍ତ ହେବା ଆବଶ୍ୟକ ଏବଂ ପରିଣତ ବୟସରେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ଚିକିତ୍ସାର ସୁବ୍ୟବସ୍ଥା ଥିବା ନଗର ଠାରୁ ଅନତିଦୂରରେ ରହିବା ଉଚିତ ଯଦ୍ଦ୍ୱାରା ଅତି ଅଳ୍ପ ସମୟ ମଧ୍ୟରେ ସମୁଚିତ ଚିକିତ୍ସା ବ୍ୟବସ୍ଥା ପ୍ରାପ୍ତ କରାଯାଇ ପାରୁଥିବ। ଶ୍ରୁତିନ୍ୟାସର ଦୁର୍ବଳ ଆର୍ଥିକ ସ୍ଥିତି କାରଣରୁ ଆମେ ଦୂରରେ ଆଶ୍ରମ ସ୍ଥାପନ କରିବା ପାଇଁ ଅନେକ ସ୍ଥାନ ନିରୂପଣ କରିଥିଲୁ। କିନ୍ତୁ ସମସ୍ତ ସହଯୋଗୀ-ଶୁଭେଚ୍ଛୁ ଆଗ୍ରହ କଲେ ଯେ କଟକ-ଭୁବନେଶ୍ୱର ରାଜପଥର ୧୦-୧୫ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ସ୍ଥାନ କ୍ରୟ କରାଯାଉ। ଅତଃ ଶ୍ରୁତିନ୍ୟାସର ସମ୍ବଳର ଅଭାବ ସତ୍ତ୍ୱେ ବେଦପ୍ରେମୀ ଆର୍ଯ୍ୟଜନତାଙ୍କ ଆଗ୍ରହକୁ ଶିରୋଧାର୍ଯ୍ୟ କରି ପରମପିତା ପରମାତ୍ମାଙ୍କ ମହତୀ ଅନୁକମ୍ପାରୁ କଟକ-ଭୁବନେଶ୍ୱରର ମଧ୍ୟବର୍ତ୍ତୀ ଫୁଲନଖରା ଛକଠାରୁ ନିଆଳି-କୋଣାର୍କ-ପୁରୀ ଯିବା ରାସ୍ତାରେ ୪ କି.ମି. ଦୂର ସ୍ଥିତ ତ୍ରିନାଥ ବଜାରଠାରୁ ବାମ ପାର୍ଶ୍ୱରେ ପ୍ରାୟ ୩.୫ କି.ମି. ଦୂରରେ ଉଷୁମାଠାରେ ପିଚୁ ରାସ୍ତା କଡ଼ରେ ୧.୩୫ ଏକର ଜମି କ୍ରୟ କରାଯାଇଛି। ଏଥିନିମନ୍ତେ ଶ୍ରୁତିନ୍ୟାସ ଥିବା ସମ୍ବଳ ନିଅଣ୍ଟ ହେବାରୁ ନ୍ୟାସର କର୍ମକର୍ତ୍ତା-ସହଯୋଗୀଙ୍କଠାରୁ ପ୍ରାୟ ୧୬ଲକ୍ଷ ଟଙ୍କା ଧାର ସୂତ୍ରରେ ନିଆଯାଇଛି।

ଏଠାରେ ଶ୍ରୁତିନ୍ୟାସର ବହୁମୁଖୀ ଗତିବିଧି କେନ୍ଦ୍ର **'ବେଦଧାମ'** ନିର୍ମାଣ କରାଯିବା ପାଇଁ ନିର୍ଣ୍ଣୟ ନିଆଯାଇଛି। ବୈଦିକ ଧର୍ମ-ସଂସ୍କୃତିର ସୁରକ୍ଷା ଓ ପ୍ରଚାର-ପ୍ରସାର କଳ୍ପେ ଏଠାରେ ନିମ୍ନଲିଖିତ ଗତିବିଧି ସଞ୍ଚାଳନ କରାଯିବାକୁ ବିଚାର କରାଯାଇଛି —

**୧. ଶିବିର ଓ ପ୍ରଶିକ୍ଷଣ —** ଶ୍ରୁତିନ୍ୟାସର ନିଜସ୍ୱ ଆଶ୍ରମ ନ ଥିବାରୁ ବର୍ତ୍ତମାନ କେବଳ ବର୍ଷକୁ ଥରେ, ପ୍ରାୟତଃ ଦଶହରା ପୂଜା ଅବକାଶରେ, ଜୀବନ ନିର୍ମାଣ ଶିବିର ଆୟୋଜିତ ହୋଇଆସୁଛି। 'ବେଦଧାମ' ନିର୍ମାଣ ହେଲେ ଅନ୍ୟ ସମୟରେ ମଧ୍ୟ ବର୍ଷରେ ଅନେକ ଥର ଶିବିର କରାଯାଇପାରିବ। ବର୍ତ୍ତମାନ ଅନୁଷ୍ଠିତ ହେଉଥିବା ଶିବିରରେ ପ୍ରାୟ ୪୦୦-୪୫୦ ଶିବିରାର୍ଥୀ ଯୋଗ ଦେଉଛନ୍ତି। ଏଣୁ 'ବେଦଧାମ'ରେ ୫୦୦ ଜଣ ଶିବିରାର୍ଥୀଙ୍କ ରହିବା-ଖାଇବା-ପ୍ରଶିକ୍ଷଣ ନେବାର ସମୁଚିତ ବ୍ୟବସ୍ଥା ଆଧାରରେ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ କରାଯିବ। ଆଖପାଖର ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଧର୍ମ, ସଂସ୍କୃତି, ନୈତିକତା, ଅନୁଶାସନ, ରାଷ୍ଟ୍ରପ୍ରେମ ସମ୍ବନ୍ଧୀୟ ଜାଗରୁକତା ପାଇଁ ବିଭିନ୍ନ ସମୟରେ ବିବିଧ କାର୍ଯ୍ୟକ୍ରମ କରାଯିବ। କିଶୋର ବୟସର ବାଳକ-ବାଳିକାମାନଙ୍କ ପାଇଁ ପୃଥକ୍-ପୃଥକ୍ ଶିବିର ଭିନ୍ନ-ଭିନ୍ନ ସମୟରେ କରାଯିବାର ଯୋଜନା କରାଯାଇଛି। ତା' ଛଡ଼ା ଆଶ୍ରମରେ କିଛି-କିଛି ଦିନ ଅବସ୍ଥାନ କରି ବୈଦିକ ସଂସ୍କୃତି ସଂପର୍କରେ ପ୍ରଶିକ୍ଷଣ ନେବାକୁ ଚାହୁଁଥିବା ଲୋକଙ୍କ ପାଇଁ ମଧ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯିବ।

**୨. ବାନପ୍ରସ୍ଥ-ସାଧକ ଆଶ୍ରମ —** ସ୍ୱାଧ୍ୟାୟ-ସାଧନା-ସେବାରେ ସଂଲଗ୍ନ ରହି ତପଃପୂତ ଜୀବନ ଯାପନ କରିବାକୁ ଚାହୁଁଥିବା ୪୦-୫୦ ଜଣ ବାନପ୍ରସ୍ଥୀ-ସାଧକଙ୍କ ସକାଶେ ଉତ୍ତମ ସାଧନଯୁକ୍ତ କକ୍ଷ ବିଶିଷ୍ଟ ବାନପ୍ରସ୍ଥ-ସାଧକ ଆଶ୍ରମ ନିର୍ମାଣ କରାଯାଇ ସାଧନା ନିମନ୍ତେ ଅନୁକୂଳ ବାତାବରଣ ଉପଲବ୍ଧ କରିବାର ଲକ୍ଷ୍ୟ ରଖାଯାଇଛି।

**୩. ଦର୍ଶନ ଯୋଗ ବିଦ୍ୟାଳୟ—** ବୈଦିକ ସଂସ୍କୃତିର ସୁରକ୍ଷା-ସମ୍ବର୍ଦ୍ଧନ ସକାଶେ ତ୍ୟାଗୀ-ତପସ୍ୱୀ-ବୈରାଗ୍ୟବାନ୍ ବିଦ୍ୱାନ୍ ସନ୍ନ୍ୟାସୀ-ବ୍ରହ୍ମଚାରୀଙ୍କର ମହତୀ ଆବଶ୍ୟକତା ରହିଛି। ଆର୍ଯ୍ୟଜଗତରେ ସର୍ବଭାରତୀୟ ସ୍ତରରେ ଖ୍ୟାତିପ୍ରାପ୍ତ ଦର୍ଶନ ଯୋଗ ମହାବିଦ୍ୟାଳୟ, ରୋଜଡ଼(ଗୁଜରାଟ)ର ଏକ ଶାଖା ବିଦ୍ୟାଳୟ ଭବିଷ୍ୟତରେ ଏହିଠାରେ ସଞ୍ଚାଳନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଆଶ୍ରମରେ ଅବସ୍ଥାନ କରୁଥିବା ବାନପ୍ରସ୍ଥ-ସାଧକମାନେ ମଧ୍ୟ ଆର୍ଷବିଦ୍ୟା ଅଧ୍ୟୟନର ସୁଯୋଗ ପାଇବେ।

**୪. ସଂସ୍କାର କେନ୍ଦ୍ର —** ବୈଦିକ ଷୋଡ଼ଶ ସଂସ୍କାରକୁ ଲୋକପ୍ରିୟ କରିବା, ସମାଜରେ ତା'ର ପୁନଃ ପ୍ରସ୍ଥାପନା କରିବା ଉଦ୍ଦେଶ୍ୟରେ ଆଖପାଖର ଲୋକଙ୍କ ବିବାହ, ବ୍ରତାଦି ସକଳ ବୈଦିକ ସାମାଜିକ ଉତ୍ସବାନୁଷ୍ଠାନ ବୈଦିକ ପଦ୍ଧତିରେ କରିବାର ଆବଶ୍ୟକତା ପୂରଣ ସକାଶେ ଉଚିତ ବ୍ୟବସ୍ଥା କରାଯିବ।

**୫. ସେବା ପ୍ରକଳ୍ପ —** ନିର୍ଦ୍ଧନ-ଅସହାୟ ଲୋକଙ୍କୁ ପ୍ରାଥମିକ ଚିକିତ୍ସା ଆଦି ବିବିଧ ପ୍ରକାର ସେବା ଓ ସହାୟତା ଯୋଗାଇ ଦିଆଯିବା ପାଇଁ ସାଧ୍ୟମତେ ବ୍ୟବସ୍ଥା କରାଯିବ।

ଏ ସମସ୍ତ ଗତିବିଧିର ସଞ୍ଚାଳନ ପାଇଁ ଆବଶ୍ୟକୀୟ ଗୃହାଦି ନିର୍ମାଣ କାର୍ଯ୍ୟ ସକାଶେ ପ୍ରଭୂତ ଅର୍ଥ ଆବଶ୍ୟକ। ଶ୍ରୁତିନ୍ୟାସର ସଞ୍ଚିତ ଅର୍ଥ ତ ଜମିକିଣାରେ ପୂର୍ଣ୍ଣତଃ ବ୍ୟୟ କରାଯାଇ ନିଅଣ୍ଟ କାରଣରୁ ପୁନଃ ୧୬ ଲକ୍ଷ ଟଙ୍କା ଧାର କରାଯାଇଛି। ତେଣୁ ନିର୍ମାଣ କାର୍ଯ୍ୟକୁ ପର୍ଯ୍ୟାୟ କ୍ରମେ କରାଯିବା ପାଇଁ ସ୍ଥିର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପାଚେରୀ ନିର୍ମାଣ, ଜଳର ବ୍ୟବସ୍ଥା (ଗଭୀର ନଳକୂପ ଖନନ ଆଦି), ଆଲୋକ ବ୍ୟବସ୍ଥା, ଯଜ୍ଞଶାଳା, ପ୍ରଶିକ୍ଷଣ ମଣ୍ଡପ ଓ ଅତିଥି-ଅନ୍ତେବାସୀଙ୍କ ପାଇଁ କେତେକ ନିବାସ କକ୍ଷ ସଂଯୁକ୍ତ ପ୍ରଶାସନିକ ଭବନ ନିର୍ମାଣ କରାଯିବ। **ଏଥିନିମନ୍ତେ ସର୍ବନିମ୍ନ ୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।** ବେଦପ୍ରେମୀ ଆର୍ଯ୍ୟଜନତାଙ୍କ ସହଯୋଗ, ଆଶୀର୍ବାଦ ହିଁ ଶ୍ରୁତିନ୍ୟାସର ସମ୍ବଳ। ବିଗତ ଦିନରେ ଶ୍ରୁତିନ୍ୟାସର ସମସ୍ତ କାର୍ଯ୍ୟକ୍ରମ ଆପଣମାନଙ୍କ ଉଦାର ସହଯୋଗ ବଳରେ ହିଁ ସମ୍ଭବ ହୋଇପାରିଛି। ଯେହେତୁ ବେଦ ଈଶ୍ୱରୀୟ ଜ୍ଞାନ ଓବେଦର ଶିକ୍ଷାର ରକ୍ଷା ଓ ପ୍ରସାର କରିବା ପ୍ରତ୍ୟେକ ମାନବର ପରମ ଧର୍ମ, ତେଣୁ ବୈଦିକ ଧର୍ମ-ସଂସ୍କୃତିର ସୁରକ୍ଷା-ସମ୍ବର୍ଦ୍ଧନ କକ୍ଷେ ମହତୀ ଭୂମିକା ନିର୍ବାହ କରିବାକୁ ଯାଉଥିବା ଏହି ବହୁମୁଖୀ ଗତିବିଧି

କେନ୍ଦ୍ର **'ବେଦଧାମ'** ଶ୍ରୁତିନ୍ୟାସର ସମସ୍ତ ସହଯୋଗୀ, ଶୁଭେଚ୍ଛୁ-ଶଭାକାଂକ୍ଷୀ, 'ଶ୍ରୁତିସୌରଭ'ର ସମସ୍ତ ସଦସ୍ୟ, ପାଠକ-ପାଠିକା, ଅଧିକନ୍ତୁ ବେଦକୁ ଭଲ ପାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଉଦାର ଚିତ୍ତରେ ମୁକ୍ତ ହସ୍ତରେ ସହଯୋଗ ବଳରେ ନିଶ୍ଚିତ ସଫଳ ହେବ ଏହି ଆଶା-ଭରସା-ବିଶ୍ୱାସ ଆମର ଅଛି। ବେଦକୁ ଭଲ ପାଉଥିବା, ବେଦପ୍ରଚାର କାର୍ଯ୍ୟର ପ୍ରଗତିକାମୀ ପ୍ରତ୍ୟେକ ମହାନୁଭବ ଏହି ମହାଯଜ୍ଞରେ ସ୍ୱ ଆହୁତି ଅବଶ୍ୟ ପ୍ରଦାନ କରିବାକୁ ବିନୀତ ଅନୁରୋଧ।

ବନ୍ଦେ ବେଦମାତରମ୍

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ବେଦଧାମ ନିର୍ମାଣ ପାଇଁ ହୋଇଥିବା ଆଲୋଚନାରେ ଉପସ୍ଥିତ ବେଦପ୍ରେମୀ ସଜ୍ଜନଗଣ ଏହି ଲକ୍ଷ୍ୟକୁ ପୂର୍ଣ୍ଣ କରିବାର ନିର୍ଭର ପ୍ରତିଶ୍ରୁତି ସାଙ୍ଗକୁ ସ୍ୱ-ସ୍ୱ ସହଯୋଗ ରାଶି ପ୍ରଦାନ ନିମନ୍ତେ ସଂକଳ୍ପ ପତ୍ର ପୂରଣ କରିଛନ୍ତି। ଇତିମଧ୍ୟରେ କିଛି ସଜ୍ଜନ ସହଯୋଗ ରାଶି ବି ପ୍ରେରଣ କରିସାରିଛନ୍ତି ଏବଂ କିଛି ବ୍ୟକ୍ତି ପର୍ଯ୍ୟାୟ କ୍ରମେ ସହଯୋଗ ରାଶି ପ୍ରଦାନ କରୁଛନ୍ତି। ସହଯୋଗ ରାଶି ପ୍ରଦାନ କରିଥିବା ସଜ୍ଜନଗଣ ହେଲେ —

| | | | |
|---|---|---|---|
| ୧. | ଶ୍ରୀମାନ୍ ପଦ୍ମନାଭ ସ୍ୱାଇଁ | ରାଉରକେଲା | ୫,୦୦,୦୦୦.୦୦ |
| ୨. | ଶ୍ରୀମତୀ ସୁନୀତା ସ୍ୱାଇଁ | ରାଉରକେଲା | ୫,୦୦,୦୦୦.୦୦ |
| ୩. | କୁମାରୀ ଶ୍ରୁତିପ୍ରିୟା ସ୍ୱାଇଁ | ରାଉରକେଲା | ୧,୦୦,୦୦୦.୦୦ |
| ୪. | ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ରାଉରକେଲା | ୨,୫୦,୦୦୦.୦୦ |
| ୫. | ଶ୍ରୀମତୀ ଗାୟତ୍ରୀ ପାଣିଗ୍ରାହୀ | ରାଉରକେଲା | ୨,୫୦,୦୦୦.୦୦ |
| ୬. | ଶ୍ରୀମାନ୍ ବିଜୟ କୁମାର ବେହେରା | ରାଉରକେଲା | ୨,୦୦,୦୦୦.୦୦ |
| ୭. | ଶ୍ରୀମତୀ ସ୍ନେହଲତା ବେହେରା | ରାଉରକେଲା | ୨,୦୦,୦୦୦.୦୦ |
| ୮. | ଶ୍ରୀମାନ୍ ନାରାୟଣ ପଣ୍ଡା | ବ୍ରହ୍ମପୁର | ୨,୦୦,୦୦୦.୦୦ |
| ୯. | କୁମାରୀ ସୁନୀତି ଗରିଆ | ସୋନପୁର | ୨,୦୦,୦୦୦.୦୦ |
| ୧୦. | ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ରାଉରକେଲା | ୧,୫୦,୦୦୦.୦୦ |
| ୧୧. | ଶ୍ରୀମତୀ ଭାଗ୍ୟଲତା ନାୟକ | ରାଉରକଲୋ | ୧,୫୦,୦୦୦.୦୦ |
| ୧୨. | ଶ୍ରୀମାନ୍ ପୀତବାସ ଦଳେଇ | ରାଉରକେଲା | ୧,୫୦,୦୦୦.୦୦ |
| ୧୩. | ଶ୍ରୀମତୀ କୃଷ୍ଣାକୁମାରୀ ଦଳେଇ | ରାଉରକେଲା | ୧,୫୦,୦୦୦.୦୦ |
| ୧୪. | ଶ୍ରୀମାନ୍ ଦିବାକର ବାରିକ | ରାଉରକେଲା | ୧,୫୦,୦୦୦.୦୦ |
| ୧୫. | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ରାଉରକେଲା | ୧,୦୦,୦୦୦.୦୦ |
| ୧୬. | ଶ୍ରୀମାନ୍ ପ୍ରଫୁଲ୍ଲ ଚନ୍ଦ୍ର ବାଡ଼ତ୍ୟା | ରାଉରକେଲା | ୧,୦୦,୦୦୦.୦୦ |
| ୧୭. | ଶ୍ରୀମାନ୍ ଇ. କୁମାର ସ୍ୱାମୀ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୮. | ଡାକ୍ତର ଗୋପବନ୍ଧୁ ପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୯. | ଶ୍ରୀମତୀ ଲଳିତ ମଞ୍ଜରୀ ସାହୁ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୦. | ଶ୍ରୀମାନ୍ ସମ୍ବିତ୍ କୁମାର ଦାସ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୧. | ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୨. | ଶ୍ରୀମତୀ କବିତା ମହାପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |

| | | | |
|---|---|---|---|
| ୨୩. | ଶ୍ରୀମାନ୍ ଅଶୋକ କୁମାର ପଟ୍ଟନାୟକ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୪. | ଶ୍ରୀମାନ୍ ମହେଶ୍ୱର ପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୫. | ଶ୍ରୀମତୀ ସରିତା ରଥ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୬. | ଶ୍ରୀମତୀ ଅପର୍ଣ୍ଣା ନାୟକ | ପୁରୀ | ୧,୦୦,୦୦୦.୦୦ |
| ୨୭. | ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୧,୦୦,୦୦୦.୦୦ |
| ୨୮. | ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୧,୦୦,୦୦୦.୦୦ |
| ୨୯. | ଡାକ୍ତର ଗୀତାଞ୍ଜଳି ପାତ୍ର | କଟକ | ୧,୦୦,୦୦୦.୦୦ |
| ୩୦. | ଶ୍ରୀମାନ୍ ରାଜକିଶୋର ବେହୁରା | ତିର୍ତ୍ତୋଲ | ୧,୦୦,୦୦୦.୦୦ |
| ୩୧. | ଶ୍ରୀମତୀ ସଂଯୁକ୍ତା ବେହୁରା | ତିର୍ତ୍ତୋଲ | ୧,୨୦,୦୦୦.୦୦ |
| ୩୨. | ଶ୍ରୀମତୀ ଇତିଶ୍ରୀ ପାତ୍ର | ବ୍ରହ୍ମପୁର | ୧,୦୦,୦୦୦.୦୦ |
| ୩୩. | ଶ୍ରୀମାନ୍ ପଙ୍କଜ ମେହେର | ସୋନପୁର | ୧,୦୦,୦୦୦.୦୦ |
| ୩୪. | ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୋନପୁର | ୧,୦୦,୦୦୦.୦୦ |
| ୩୫. | ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୧,୦୦,୦୦୦.୦୦ |
| ୩୬. | ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୧,୦୦,୦୦୦.୦୦ |
| ୩୭. | ଶ୍ରୀମତୀ କୁମୁଦିନୀ ଦେଈ | ବରଗଡ଼ | ୧,୦୦,୦୦୦.୦୦ |
| ୩୮. | କୁମାରୀ ସଙ୍ଗୀତା ପ୍ରଧାନ | ରେଢ଼ାଖୋଲ | ୧,୦୦,୦୦୦.୦୦ |
| ୩୯. | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୧,୦୦,୦୦୦.୦୦ |
| ୪୦. | ଶ୍ରୀମତୀ ବସନ୍ତ କୁମାରୀ ମହାପାତ୍ର | ବାଲେଶ୍ୱର | ୧,୦୦,୦୦୦.୦୦ |
| ୪୧. | ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | ଫୁଲବାଣୀ | ୧,୦୦,୦୦୦.୦୦ |
| ୪୨. | ଶ୍ରୀମାନ୍ ପ୍ରକାଶ କୁମାର ନାୟକ | ଜୟପୁର | ୧,୦୦,୦୦୦.୦୦ |
| ୪୩. | ଶ୍ରୀମାନ୍ ଜ୍ଞାନରଞ୍ଜନ ଭୂୟାଁ | ବର୍ଣ୍ଣପୁର | ୧,୦୦,୦୦୦.୦୦ |
| ୪୪. | ଶ୍ରୀମାନ୍ ଶିବ ସେଠୀ | ସରଳ ସିଂ | ୬୦,୦୦୦.୦୦ |
| ୪୫. | ଶ୍ରୀମାନ୍ ହିମାଂଶୁ ଶେଖର ପାଣିଗ୍ରାହୀ | ଖରିଆରରୋଡ୍ | ୫୦,୧୦୦.୦୦ |
| ୪୬. | ଶ୍ରୀମାନ୍ ପ୍ରଦୀପ କୁମାର ତ୍ରିପାଠୀ | ବ୍ରହ୍ମପୁର | ୫୦,୧୦୦.୦୦ |
| ୪୭. | ଶ୍ରୀମାନ୍ ଅରୁଣ ନାୟକ | ରାଉରକେଲା | ୫୦,୦୦୦.୦୦ |
| ୪୮. | ଶ୍ରୀମାନ୍ ଗଣେଶ ବାରିକ | ପାମରା | ୫୦,୦୦୦.୦୦ |
| ୪୮. | ଶ୍ରୀମତୀ ଡି. ରାଜକୁମାରୀ ପାତ୍ର | ଭୁବନେଶ୍ୱର | ୫୦,୦୦୦.୦୦ |
| ୪୯. | ଶ୍ରୀମାନ୍ ରାଜେଶ କେଜରିୱାଲ୍ | ଭୁବନେଶ୍ୱର | ୫୦,୦୦୦.୦୦ |
| ୫୦. | ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ବାଣପୁର | ୫୦,୦୦୦.୦୦ |
| ୫୧. | ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୫୦,୦୦୦.୦୦ |
| ୫୨. | ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୫୦,୦୦୦.୦୦ |
| ୫୩. | ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ବ୍ରହ୍ମପୁର | ୫୦,୦୦୦.୦୦ |

| | | | |
|---|---|---|---|
| ୫୪. | ଶ୍ରୀମାନ୍ ଟି. ଭେଙ୍କେଟ ରାଓ | ବ୍ରହ୍ମପୁର | ୫୦,୦୦୦.୦୦ |
| ୫୫. | ଶ୍ରୀମାନ୍ ଭି. ତିରୁପତି ରାଓ | ବ୍ରହ୍ମପୁର | ୫୦,୦୦୦.୦୦ |
| ୫୬. | ଶ୍ରୀମତୀ ସାରଦା ବିଷୋୟୀ | ବ୍ରହ୍ମପୁର | ୫୦,୦୦୦.୦୦ |
| ୫୭. | ଶ୍ରୀମାନ୍ ହୃଷିକେଶ ପଣ୍ଡା | ବ୍ରହ୍ମପୁର | ୫୦,୦୦୦.୦୦ |
| ୫୮. | ଶ୍ରୀମାନ୍ ରୁଦ୍ରପ୍ରସନ୍ନ ମହାପାତ୍ର | ବ୍ରହ୍ମପୁର | ୫୦,୦୦୦.୦୦ |
| ୫୯. | ଶ୍ରୀମାନ୍ ରାଜେନ୍ଦ୍ର ଗରିଆ | ସୋନପୁର | ୫୦,୦୦୦.୦୦ |
| ୫୯. | ଶ୍ରୀମତୀ ପ୍ରଣତି ଗରିଆ | ସୋନପୁର | ୫୦,୦୦୦.୦୦ |
| ୬୦. | ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ | ବଡ଼ମାଳ | ୫୦,୦୦୦.୦୦ |
| ୬୧. | ଶ୍ରୀମାନ୍ ପ୍ରତାପ କୁମାର ବେହେରା | ବଡ଼ମାଳ | ୫୦,୦୦୦.୦୦ |
| ୬୨. | ଶ୍ରୀମତୀ ସୁଲକ୍ଷଣୀ ଦାସ | ବଲାଙ୍ଗିର | ୫୦,୦୦୦.୦୦ |
| ୬୩. | ଶ୍ରୀମାନ୍ ରାଜକିଶୋର ସାହୁ | ଡାହିମାଳ | ୫୦,୦୦୦.୦୦ |
| ୬୪. | ଶ୍ରୀମତୀ ସୁରଭୀ ସାହୁ | ବରଗଡ଼ | ୫୦,୦୦୦.୦୦ |
| ୬୫. | ଶ୍ରୀମାନ୍ ଟଙ୍କଧର ଛତ୍ରିଆ | ବରପାଲି | ୫୦,୦୦୦.୦୦ |
| ୬୬. | ଶ୍ରୀମାନ୍ ଭାଗିରଥୀ ଷଡ଼ଙ୍ଗୀ | ରସିଆପାଲି | ୫୦,୦୦୦.୦୦ |
| ୬୧. | ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ରେଢ଼ାଖୋଲ | ୫୦,୦୦୦.୦୦ |
| ୬୨. | ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ରେଢ଼ାଖୋଲ | ୫୦,୦୦୦.୦୦ |
| ୬୩. | ଶ୍ରୀମାନ୍ ହରିହର ପ୍ରଧାନ | ରାଉରକେଲା | ୪୦,୦୦୦.୦୦ |
| ୬୪. | ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ଟିଟିଲାଗଡ଼ | ୪୦,୦୦୦.୦୦ |
| ୬୫. | ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ଟିଟିଲାଗଡ଼ | ୪୦,୦୦୦.୦୦ |
| ୬୬. | ଶ୍ରୀମାନ୍ ନିଷ୍କାମ ଚରଣ ସାହୁ | ରାଉରକେଲା | ୩୦,୦୦୦.୦୦ |
| ୬୭. | ଶ୍ରୀମାନ୍ ଅଶୋକ କୁମାର ସୁବୁଦ୍ଧି | ବ୍ରହ୍ମପୁର | ୩୦,୦୦୦.୦୦ |
| ୬୮. | ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ବ୍ରହ୍ମପୁର | ୩୦,୦୦୦.୦୦ |
| ୬୯. | ଶ୍ରୀମାନ୍ ଦେବୀପ୍ରସାଦ ମିଶ୍ର | ଭୁବନେଶ୍ୱର | ୩୦,୦୦୦.୦୦ |
| ୭୦. | ଶ୍ରୀମାନ୍ କେ. ଉମେଶ ରାଓ ପାତ୍ର | ବଡ଼ମାଳ | ୩୦,୦୦୦.୦୦ |

**କ୍ରମଶଃ....**

ଏତଦ୍ ବ୍ୟତୀତ ବାନପ୍ରସ୍ଥ ସାଧକ ଆଶ୍ରମରେ କକ୍ଷ ନିର୍ମାଣ ପାଇଁ ସହଯୋଗ ରାଶି ପ୍ରଦାନ କରିଥିବା ସଜ୍ଜନଗଣ—

| | | | |
|---|---|---|---|
| ୧. | ଶ୍ରୀମାନ୍ ଅଶୋକ କୁମାର ପଟ୍ଟନାୟକ | ଭୁବନେଶ୍ୱର | ୫,୦୦,୦୦୦.୦୦ |
| ୨. | ଶ୍ରୀମାନ୍ ଲିଙ୍ଗରାଜ ଦାସ | କଟକ | ୫,୦୦,୦୦୦.୦୦ |
| ୩. | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ରାଉରକେଲା | ୪,୫୦,୦୦୦.୦୦ |
| ୪. | ଶ୍ରୀମତୀ ନର୍ମଦା ପାତ୍ର | ଭୁବନେଶ୍ୱର | ୪,୦୦,୦୦୦.୦୦ |
| ୫. | ଶ୍ରୀମାନ୍ ରାଜକିଶୋର ବେହୁରା | ତିର୍ତ୍ତୋଲ | ୨,୦୦,୦୦୦.୦୦ |

**ବି.ଦ୍ର.:** ❖ ଏହି କାର୍ଯ୍ୟ ନିମନ୍ତେ ଆର୍ଥିକ ସହଯୋଗ ରାଶି ପ୍ରଦାନ କରିବାକୁ ଇଚ୍ଛୁକ ସଜ୍ଜନଗଣ ଦୟାପୂର୍ବକ ଶ୍ରୁତିନ୍ୟାସର **ସମ୍ପାଦକ ପଦ୍ମନାଭ ସ୍ୱାଇଁ, ଚଳଭାଷ – ୯୮୬୧୩୩୫୩୨୧ / ୭୦୦୮୦୫୮୨୪୨ଙ୍କୁ ସମ୍ପର୍କ କରନ୍ତୁ।**












ଶ୍ରୁତିନ୍ୟାସର ସହଯୋଗୀ-ଶୁଭେଚ୍ଛୁ-ସମର୍ଥକଙ୍କ ଦ୍ୱାରା ସାମୂହିକ ଶିଳାନ୍ୟାସ

**RNI Regn. No. : ODIODI/2015/65938**

₹ 20/- Shruti Sourabha Vol. 4 Issue 3 March - April 2019













ଶ୍ରୁତିନ୍ୟାସର ସହଯୋଗୀ-ଶୁଭେଚ୍ଛୁ-ସମର୍ଥକଙ୍କ ଦ୍ୱାରା ସାମୂହିକ ଶିଳାନ୍ୟାସ

## Shruti Sourabha

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**